ବର୍ଷ-୨୫, ସଂଖ୍ୟା-୧୮୦
ଭୁବନେଶ୍ୱର
୦୬, ଜୁଲାଇ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 180
Bhubaneswar
06, July, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଶ୍ରୀମନ୍ଦିର ସମ୍ମୁଖରେ ତିନିରଥ, ଆଜି ସୁନାବେଶ

**ପୁରୀ,୫।୭(ମହାଭାରତ):** ଶ୍ରୀମନ୍ଦିରର ସିଂହଦ୍ୱାର ସମ୍ମୁଖରେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କର ଦର୍ପଦଳନ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ପହଞ୍ଚିବା ପରେ ପବିତ୍ର ବାହୁଡ଼ା ଯାତ୍ରା ଶେଷ ହୋଇଛି। ଶ୍ରୀଜିଉମାନେ ୯ ଦିନର ଲୀଳାଖେଳା ସାରି ଜନ୍ମବେଦିରୁ ବାହୁଡ଼ି ଆସିଛନ୍ତି। ଆଜି ଅପରାହ୍ନ ୩ଟାରେ ରଥ ଟଣା କାର୍ଯ୍ୟ ହୋଇଥିଲା। ରାତି ସାଢ଼େ ୯ଟା ସୁଦ୍ଧା ତିନି ରଥ ସିଂହଦ୍ୱାର ସାମ୍ନାରେ ପହଞ୍ଚି ଥିଲେ। ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ଶରଧାବାଲିରୁ ଶ୍ରୀମନ୍ଦିର ଅଭିମୁଖେ ବାହାରି ଥିଲେ। ପରେ ସୁଭଦ୍ରା ଓ ଜଗନ୍ନାଥ ରଥାରୁ ହୋଇ ସିଂହଦ୍ୱାର ସାମ୍ନାରେ ପହଞ୍ଚି ଥିଲେ।

ଶ୍ରୀମନ୍ଦିର ସମ୍ମୁଖକୁ ଜଗତର ନାଥ ଶ୍ରୀଜଗନ୍ନାଥ ନନ୍ଦିଘୋଷରେ ଗହଳ ଲଗାଇ ଆସିଥିବାରୁ ବଡ଼ ଭାଇ ଓ ଭଉଣୀ ପହଞ୍ଚିବାର ପ୍ରାୟ ୧ ଘଣ୍ଟାରୁ ଅଧିକ ସମୟ ପରେ ପହଂଚିଥିଲେ। ସିଂହଦ୍ୱାରରେ ପହଂଚିବା ପୂର୍ବରୁ ଶ୍ରୀନଅରଠାରେ ଲକ୍ଷ୍ମୀନାରାୟଣଙ୍କ ଭେଟ ହୋଇଥିଲା। ଏହା ପୂର୍ବରୁ ଶ୍ରୀଜିଉଙ୍କ ଉଦ୍ଦେଶ୍ୟରେ ମାଉସୀ ମା' ମନ୍ଦିରରେ ପୋଡ଼ପିଠା ଲାଗି ହୋଇଥିଲା। ପ୍ରାୟ ୨୦ ମିନିଟ ଯାଏଁ ଶ୍ରୀଲକ୍ଷ୍ମୀନାରାୟଣ ଭେଟ ନୀତି ଅନୁଷ୍ଠିତ ହୋଇଥିଲା। ଆସନ୍ତାକାଲି ରଥ ଉପରେ ଅନନ୍ୟ ନୀତି ବଢ଼ି ମଧ୍ୟାହ୍ନ ଧୂପ, ମଇଲମ ପରେ ଅପରାହ୍ନରେ ମେକାପ ସର୍ବାଙ୍ଗ ନୀତି ସମ୍ପର୍ଣ୍ଣ ହେବା ପରେ ଅପରାହ୍ନ ୫ଟାରୁ ୬ଟା ୩୦ ମଧ୍ୟରେ ଠାକୁରମାନଙ୍କୁ ସୁନାବେଶରେ ସଜିତ



କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ରାତି ୧୧ଟା ପର୍ଯ୍ୟନ୍ତ ଭକ୍ତ ମହାପ୍ରଭୁଙ୍କ ସୁନାବେଶ ଦେଖିପାରିବେ ବୋଲି ମଧ୍ୟ ପ୍ରଶାସନ ନିଷ୍ପତ୍ତି ନେଇଛି। ବେଶ ଓଲାଗି ପରେ ବଡସିଂହାର ବେଶ ଓ ରାତ୍ର ପହୁଡ଼ ହେବ। ସୁନାବେଶ ପାଇଁ ଶ୍ରୀକ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବେଳେ ମାର୍କେଟ ଛକରୁ ବ୍ୟାରିକେଡ଼ କରାଯାଇଛି। ଲୋକମାନେ ମାର୍କେଟ ଛକରୁ ବ୍ୟାରିକେଡ଼ରେ ଆସି ବେଶ ଦେଖିବା ପରେ ତିନିରଥ ପଛପଟ ରାସ୍ତା ଦେଇ ପ୍ରସ୍ଥାନ କରିବାର ବ୍ୟବସ୍ଥା କରାଯାଇଛି।


ଶ୍ରୀଜିଉଙ୍କର ସମସ୍ତ ଚିତ୍ତାକର୍ଷକ ବେଶ ମଧ୍ୟରେ ସୁନାବେଶ ଅର୍ଥାତ ବଡ଼ତଢାଉ ବେଶ ଅନ୍ୟତମ। ଶ୍ରୀବଳଭଦ୍ର ଶ୍ରୀପୟର, ଶ୍ରୀଭୁଜ, କିରିଟି, ଘାଗଡାମାଳି, କଦମ୍ବମାଳି, କାନ କୁଣ୍ଡଳ, କମରପଟି, ଆଡକାନି, ଚନ୍ଦ୍ରିକା, ସେବତୀ ମାଳି, ବାଘନଖ ମାଳି, ବାହାଡାମାଳି, ଅସ୍ତ୍ରହଳ ଓ ମୁଷଳ, ତିଳକ, ତ୍ରୀଖଣ୍ଡିକା ଓ ଝୋବାକଣ୍ଠି, ଆଦି ପରିଧାନ କରିଥାନ୍ତି। ଦେବୀ ସୁଭଦ୍ରାଙ୍କୁ କିରିଟି, ଓଡିଆଣି, କାନ, ଚନ୍ଦ୍ରସୂର୍ଯ୍ୟ, ଦୁଇଟି ତଗଡି, ସେବତୀ ମାଳି, ଘାଗଡାମାଳି, କଦମ୍ବମାଳି ଆଦି ପରିଧାନ କରିଥାନ୍ତି। ସେହିଭଳି ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀପୟର, ଶ୍ରୀଭୁଜ, କିରିଟି ଆଦି ଅନେକ ସୁନା ଅଳଙ୍କାର ସହ ସ୍ୱର୍ଣ୍ଣଚକ୍ର, ରୌପ୍ୟ ଶଙ୍ଖ, କମରପଟି, କର୍ଣ୍ଣକୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡାମାଳି, କଦମ୍ବମାଳି, ତିଳକତ୍ରୀଖଣ୍ଡିକା, ସେବତୀମାଳି, ଝୋବା କଣ୍ଠି, ତାବିଜ ମାଳି ଓ ବାହାଡା ମାଳି ପରିଧାନ କରି ଭକ୍ତଙ୍କୁ ରଥ ଉପରେ ସୁନା ବେଶରେ ଦର୍ଶନ ଦେବେ।

ଶ୍ରୀଜିଉମାନଙ୍କର ବହୁ ପ୍ରତୀକ୍ଷିତ ରଥ ଉପରେ ସୁନାବେଶ ଆସନ୍ତାକାଲି ଅପରାହ୍ନ ୪ଟାରୁ ଆରମ୍ଭ ହୋଇ ରାତି ୧୧ଟା ଯାଏଁ ଜାରି ରହିବ। ସୋମବାର ଅଧରପଣା ନୀତି ସଂପନ୍ନ ହେବ ଏବଂ ଆସନ୍ତା ଆସନ୍ତା ୮ ତାରିଖରେ ନୀଳାଦ୍ରି ବିଜେ ଦିନ ମହାବାହୁ ରତ୍ନବେଦୀକୁ ବିଜେ କରିବେ।

ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଆଜି ଶରଧାବାଲି ଠାରୁ ଆରମ୍ଭ କରି ସିଂହଦ୍ୱାର ଯାଏଁ ଶ୍ରଦ୍ଧାଳୁମାନଙ୍କର ଗହଳି ଲାଗିଥିଲା। ପବିତ୍ର ବଡ଼ଦାଣ୍ଡରେ ଭାବ ବିନୋଦିଆ ଠାକୁର ଓ ଭକ୍ତମାନଙ୍କର ଅପୂର୍ବ ମିଳନ ହୋଇଥିଲା। ଜୟ ଜଗନ୍ନାଥ, ହରିବୋଲ, ହୁଳହୁଳି, ଘଣ୍ଟ, ମୃଦଙ୍ଗ, ନୃତ୍ୟରେ ଏକ ଭବ୍ୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ବିଆଇଏସ୍ ସାର୍ଟିଫାଏଡ଼ ହେଲମେଟ୍ ବାଧ୍ୟତାମୂଳକ

**ଭୁବନେଶ୍ୱର,୫।୭(ମହାଭାରତ):** ଜନସଂଖ୍ୟା ବୃଦ୍ଧି ସହ ଯାନବାହାନ ସଂଖ୍ୟା ବଢ଼ିଛି ତା ସହ ବଢୁଛି ସଡକ ଦୁର୍ଘଟଣା। ଏହି ଦୁର୍ଘଟଣାରେ ଧନହାନୀ ସହ ଦୁର୍ଲଭ ଜୀବନ ମଧ୍ୟ ଚାଲିଯାଉଛି। ତେବେ ବାଇକ ଦୁର୍ଘଟଣାରେ ମୃତ୍ୟୁକୁ ରୋକିବା ପାଇଁ କେନ୍ଦ୍ର ସରକାର ନେଇଛନ୍ତି ବଡ଼ ପଦକ୍ଷେପ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ରାଜ୍ୟ କୁ ଚିଠି ଲେଖା ଯାଇ କୁହାଯାଇଛି ଯେ ଦୁଇ ଚକିଆ ଚଳାଇବା ବେଳେ ସୁରକ୍ଷା ପାଇଁ କେବଳ ବିଆଇଏସ୍ ସାର୍ଟିଫାଏଡ଼ ହେଲମେଟ୍ ବ୍ୟବହାର କରିବାକୁ ହେବ। ଏପରିକି ବିଏସଆଇ ପ୍ରମାଣପତ୍ର ବିନା ହେଲମେଟ୍ ନିର୍ମାଣ କିମ୍ବା ବିକ୍ରୟ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି । ରାସ୍ତା ପାର୍ଶ୍ୱରେ ବିକ୍ରି ହେଉଥିବା ଅନେକ ହେଲମେଟ୍ ବିଆଇଏସ୍ ପ୍ରମାଣପତ୍ର ବିନା ବିକ୍ରୀ ହେଉଛି। ତେଣୁ ଚଢ଼ାଉକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ନେଇ ରାଜ୍ୟ ପରିବହନ ମନ୍ତ୍ରୀ କହିଛନ୍ତି ଆଗକୁ ଚଢ଼ାଉ ଜୋରଦାର ହେବ। ଦେଶରେ ବର୍ତମାନ ୨୧ କୋଟି ରୁ ଅଧିକ ଦୁଇ ଚକିଆ ଯାନ ଗଡୁଛି । ଅନେକ ଯାତ୍ରୀ ବିଆଇଏସ୍ ସାର୍ଟିଫାଏଡ଼ ହେଲମେଟ୍ ବ୍ୟବହାର ନ କରି ରାସ୍ତା କଡରେ ମିଳୁଥିବା ଚାଲୁ ହେଲମେଟ୍ ବ୍ୟବହାର କରିବା ଦ୍ୱାରା ଦୁର୍ଘଟଣା ସମୟରେ ମୂଲ୍ୟବାନ ଜୀବନ ହରାଉଛନ୍ତି । ତେଣୁ ଗ୍ରାହକମାନଙ୍କ ପାଇଁ ସୁବିଧା ପାଇଁ ବିଏସଆଇ, ବିଏସଆଇ କେୟାର ଆପ୍ ଏବଂ ବିଏସଆଇ ପୋର୍ଟାଲରେ ଏକ ବ୍ୟବସ୍ଥା କରାଯାଇଛି।



# କଳାରାହାଙ୍ଗ, ପଟିଆରେ ହେବ ରେଳ ଓଭରବ୍ରିଜ

**ଭୁବନେଶ୍ୱର,୫।୭(ମହାଭାରତ):** ଖୁବଶୀଘ୍ର ଭୁବନେଶ୍ୱର ଉପକଣ୍ଠ କଳାରାହାଙ୍ଗ ଏବଂ ପଟିଆରେ ନିର୍ମାଣ ହେବ ରେଳ ଓଭର ବ୍ରିଜ। ୧୪୦ କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ ହେବ ବହୁ ପ୍ରତିକ୍ଷୀତ ୨ଟି ରେଳ ଓଭର ବ୍ରିଜ। ଫଳରେ ପଟିଆ-କଳାରାହାଙ୍ଗ ଅଞ୍ଚଳରେ ଗମନାଗମନର ଲାଇଫ୍ ଲାଇନ୍ ପାଲିଟିଥିବା ରାସ୍ତାରେ, ରେଳ ଚଳାଚଳ ସମୟରେ ଫାଟକ ବନ୍ଦ କାରଣରୁ ଦେଖା ଦେଉଥିବା ଟ୍ରାଫିକ୍ ସମସ୍ୟା ସବୁଦିନ ପାଇଁ ଦୂର ହୋଇଯିବ। ଆଜି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଭୁବନେଶ୍ୱରର ପଟିଆ ଏବଂ କଳାରାହାଙ୍ଗ ରେଳ ଷ୍ଟେସନ ଅଞ୍ଚଳକୁ ଗସ୍ତ କରି ଅଧିକାରୀଙ୍କ ସହିତ ସ୍ଥିତି ସମୀକ୍ଷା କରିଥିଲେ। ପଟିଆ ଓ କଳାରାହାଙ୍ଗ ଅଂଚଳରେ ରେଳ ଓଭର ବ୍ରିଜ ନିର୍ମାଣ ନେଇ ବହୁ ବର୍ଷରୁ ଦାବି କରି ଆସୁଥିଲେ ସ୍ଥାନୀୟ ଲୋକେ। ଲୋକଙ୍କର ଏହି ଦାବିକୁ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡ଼ଙ୍ଗୀ ପୂରା କରିବାକୁ ଯାଇ ରେଳ ଓଭର ବ୍ରିଜ ନିର୍ମାଣରେ ରହିଥିବା ସମସ୍ୟାକୁ ଦୂର କରାଇଛନ୍ତି। କଳାରାହାଙ୍ଗ ରେଳ ଓଭର ବ୍ରିଜ ପାଇଁ ୮୦ କୋଟି ଏବଂ ପଟିଆ ରେଳ ଓଭର ବ୍ରିଜ ପାଇଁ ୬୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ସାଂସଦ ଅପରାଜିତା ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଖୁବଶୀଘ୍ର ଏହି ପ୍ରକଳ୍ପ ପାଇଁ ଟେଣ୍ଡର ହେବା ପରେ ଆଗାମୀ କାର୍ଯ୍ୟକ୍ରମ ଆଗେଇବ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ। ପୂର୍ବରୁ ଏହି ରେଳ ଓଭରବ୍ରିଜ ନିର୍ମାଣ ପ୍ରକଳ୍ପ ପାଇଁ କଳାରାହାଙ୍ଗ ଏବଂ ପଟିଆ ଅଞ୍ଚଳରେ ଜମି ଅଧିଗ୍ରହଣ ଏକ ବଡ ସମସ୍ୟା ଭାବେ ଠିଆ ହୋଇଥିଲା। ଫଳରେ ପ୍ରକଳ୍ପ କାମ ଆଗେଇ ପାରୁନଥିଲା। ତେବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ପୂର୍ତ୍ତବିଭାଗ ଓ ରେଳବାଇ ବିଭାଗ ବରିଷ୍ଠ ଅଧିକାରୀଙ୍କ ସହିତ ବାରମ୍ବାର ସମ୍ପର୍କରେ ରହିଥିଲେ, ଏବଂ କଥା ହୋଇ ଜମି ସମ୍ପର୍କିତ ସମସ୍ତ ସମସ୍ୟା ଦୂର କରାଇବାରେ ବଡ଼ ଭୂମିକା ନେଇଛନ୍ତି। ଦୀର୍ଘ ଦିନ ଧରି ଏହି ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମସ୍ୟା ଦୂର ହୋଇଥିବାରୁ ଆଗକୁ ଖୁବଶୀଘ୍ର ପ୍ରକଳ୍ପ କାମ ଆଗେଇବା ନେଇ ସ୍ଥାନୀୟ ଲୋକେ ବେଶ୍ ଆଶାବାଦୀ ଅଛନ୍ତି।

ଆଜି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କଳାରାହାଙ୍ଗ ପଟିଆ ଅଂଚଳକୁ ଗସ୍ତ କରି ନିଜେ ସ୍ଥିତି ସମୀକ୍ଷା କରିଥିଲେ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଯୁବଶକ୍ତିଙ୍କ ପାଇଁ ଏକ ନୂଆ ଦିଗନ୍ତ

**ଭୁବନେଶ୍ୱର,୫।୭(ମହାଭାରତ):** କୋରାପୁଟ ଜିଲ୍ଲାରେ ଅବସ୍ଥାପିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କେବଳ ଏକ ଅନୁଷ୍ଠାନ ନୁହେଁ ବରଂ କୋରାପୁଟ ଏବଂ ଜନଜାତି ଯୁବଶକ୍ତିଙ୍କ ପାଇଁ ସୁଯୋଗ ଓ ସମ୍ଭାବନାର ଏକ ନୂଆ ଦିଗନ୍ତ। ଭାରତ ସରକାର ଏହି ବିଶ୍ୱବିଦ୍ୟାଳୟର ସ୍ଥାୟୀ ଭିତ୍ତିଭୂମି ନିର୍ମାଣ ତଥା ନବକଳେବର ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ନିବେଶ କରିଛନ୍ତି ବୋଲି ଶନିବାର ପବିତ୍ର 'ବାହୁଡ଼ା ଯାତ୍ରା' ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଭୂମିପୂଜନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ରେ ଶୈକ୍ଷିକ ଭିତ୍ତିଭୂମିର ବିକାଶ ପାଇଁ ପ୍ରାୟ ୪୮୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପଗୁଡ଼ିକ ପାଇଁ ଭୂମିପୂଜନ କରିବା ସହ ଅନ୍ୟାନ୍ୟ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଅନେକ ସଂକଳ୍ପ ନେଇ ଆଗକୁ ବଢୁଛି। ଓଡିଶା ତଥା କୋରାପୁଟରେ ଗୁଣାତ୍ମକ ଶିକ୍ଷାର ପ୍ରସାର ତଥା ଭିତ୍ତିଭୂମି ବିକାଶ ପାଇଁ ଆଜି ଲୋକାର୍ପିତ ଓ ଭୂମିପୂଜନ ହୋଇଥିବା ପ୍ରକଳ୍ପ ଗୁଡ଼ିକ ଦ୍ୱାରା ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଉପକୃତ ହେବେ। ସେହିପରି ଓଡ଼ିଶାର ୬ଟି ଅଗ୍ରଣୀ କେନ୍ଦ୍ରୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଐତିହାସିକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହେବା ଅବସରରେ ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀ ପ୍ରଧାନ। ସେ କହିଛନ୍ତି, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ଆଇଆଇଟି, ଭୁବନେଶ୍ୱର, ଏନଆଇଟି ରାଉରକେଲା, ଆଇଆଇଏମ, ସମ୍ବଲପୁର, ଆଇଜର, ବ୍ରହ୍ମପୁର ଏବଂ ସଦାଶିବ କ୍ୟାମ୍ପସ (କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ), ପୁରୀ ମଧ୍ୟରେ ଏମଓୟୁ ଜାତୀୟ ଶିକ୍ଷା ନୀତି – ୨୦୨୦ର ଲକ୍ଷ୍ୟକୁ ପୂରଣ କରିବା ଦିଗରେ ସହାୟକ ହେବ। ବହୁମୁଖୀ ଶିକ୍ଷା, ଗବେଷଣା, ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ ମାଧ୍ୟମରେ କ୍ରେଡିଟ୍ ସ୍ଥାନାନ୍ତର, ଯୁଗ୍ମ ଡିଗ୍ରୀ କାର୍ଯ୍ୟକ୍ରମ ଏବଂ ଭାରତୀୟ ଜ୍ଞାନ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା ଦିଗରେ ଏହି ବୁଝାମଣା ବିଶେଷ ସହାୟକ ହେବ। ଜନଜାତି ସମୁଦାୟକୁ ସଶକ୍ତ କରିବା, ସ୍ଥାୟୀ ଏବଂ ଡିଜିଟାଲ୍ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ନବସୃଜନ ଏବଂ ଉଦ୍ୟମିତାକୁ ସମର୍ଥନ କରିବା ଏବଂ ଶୈକ୍ଷିକ ଏବଂ ଗବେଷଣା ଭିତ୍ତିଭୂମିର ଆଦାନପ୍ରଦାନ ଦିଗରେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଆଜି ଏଠାରେ ଲୋକାର୍ପିତ ଓ ଭୂମିପୂଜନ ହୋଇଥିବା ପ୍ରକଳ୍ପ ସହ ଓଡ଼ିଶାର ଅଗ୍ରଣୀ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ସହ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର କୋରାପୁଟକୁ ଏକ 'ବ୍ରାଣ୍ଡ୍ କୋରାପୁଟ'ରେ ପରିଣତ କରିବ। ଶ୍ରୀ ପ୍ରଧାନ କହିଛନ୍ତି, ନୈସର୍ଗିକ ପ୍ରକୃତିର ଗନ୍ତାଘର କୋରାପୁଟରେ ଅପାର ସମ୍ଭାବନା ଅଛି। ମୌଳିକ ଚାଷ ସହ ଫଳ,ପନିପରିବା, ପଶୁପାଳନ, ଦୁଗ୍ଧ ଚାଷକୁ ପ୍ରୋତ୍ସାହନ ଦେବାର ଅନେକ ବିଷୟ କୋରାପୁଟ ସହ ଜଡ଼ିତ।



# ରାଜଭବନ ପରିସରରେ ବୃକ୍ଷରୋପଣ କଲେ ରାଜ୍ୟପାଳ

**ଭୁବନେଶ୍ୱର,୫।୭(ମହାଭାରତ):** ଆଗାମୀ ପିଢ଼ି ପାଇଁ ଏକ ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତ ଗଠନ ପାଇଁ ପ୍ରତ୍ୟେକ ବ୍ୟକ୍ତି ଓ ଅନୁଷ୍ଠାନ ଦାୟିତ୍ୱ ନେବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ବନ ମହୋତ୍ସବ ପାଳନ ଅବସରରେ ଶନିବାର ରାଜ୍ୟପାଳ ରାଜଭବନ ପରିସରରେ ବୃକ୍ଷରୋପଣ କରି ଏହି ଆହ୍ୱାନ ଜଣାଇଛନ୍ତି। 'ଏକ୍ ପେଡ୍ ମା କେ ନାମ' ପଦକ୍ଷେପର ଅଂଶ ସ୍ୱରୂପ ରାଜଭବନର "ଶ୍ୟାମାନନ୍ଦ ପାର୍କ" ଠାରେ ରାଜ୍ୟପାଳ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କରିଥିଲେ। ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷରୋପଣ କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ବୃକ୍ଷରୋପଣ କରିଥିଲେ।



ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା କରିବା ଏବଂ ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ ବୃକ୍ଷରୋପଣ କରିବାର ଆବଶ୍ୟକତା ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ପରିବେଶ ସୁରକ୍ଷା ସହିତ ସ୍ଥାୟୀ ଜୀବନଯାପନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତାର ନିଦର୍ଶନ। ଉଲ୍ଲେଖଯୋଗ୍ୟ ଯେ, ଏହି ଦୃଷ୍ଟିକୋଣ ସହିତ ରାଜଭବନ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ପୂର୍ବରୁ ଅନେକ ପଦକ୍ଷେପ ନିଆଯାଇଛି। ପାରମ୍ପରିକ ଶକ୍ତିର ବ୍ୟବହାର ହ୍ରାସ କରିବା ପାଇଁ ରାଜଭବନରେ ସୌରଶକ୍ତି ବ୍ୟବସ୍ଥା କରାଯାଇଛି ଏବଂ ବୈଦ୍ୟୁତିକ ଯାନର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏ ପରି ପ୍ରୟାସ ଦ୍ୱାରା ରାଜଭବନକୁ ରାଜ୍ୟରେ ସବୁଜ ଶାସନର ଏକ ମଡେଲ ଭାବେ ଉପସ୍ଥାପିତ କରାଯାଇଛି।

# ଆଜି ଖୋଲିବ ହୀରାକୁଦ ଗେଟ୍

**ଭୁବନେଶ୍ୱର,୫।୭ (ମହାଭାରତ):** ହୀରାକୁଦରେ ବଢୁଛି ଜଳସ୍ତର। କଲମା ଗେଟ ଖୋଲିବା ପରେ ମହାନଦୀରେ ଜଳସ୍ତର ବଢୁଛି। ଆସନ୍ତାକାଲି ପୂଜାର୍ଚ୍ଚନା ପରେ ୬ ଟି ଗେଟ ଖୋଲାଯିବ ବୋଲି ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ। ପରେ ଇବ ଓ ଅନ୍ୟ ନଦୀର ଜଳ ସ୍ତର ଦେଖି ଜଳ ନିଷ୍କାସନ ନିଷ୍ପତ୍ତି ନିଆଯିବ। ତେବେ ବିପଦ ସଂକେତ ଠାରୁ ଜଳ ସ୍ତର ତଳେ ରହିଥିବାରୁ ବନ୍ୟା ସ୍ଥିତି ନାହିଁ ବୋଲିକହିଲେ ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି। ସେହିପରି ଲଗାଣ ବର୍ଷା ହେଲେବି କୌଣସି ନଦୀର ଜଳସ୍ତର ବିପଦ ସଂକେତ ଉପରେ ନ ଥିବାରୁ ବନ୍ୟା ସ୍ଥିତି ନାହିଁ। ଆଇଏମଡି ଆକଳନରେ ଆଗାମୀ ଏକ ସପ୍ତାହ ଯାଏ ବର୍ଷା ନାହିଁ। ରେଙ୍ଗାଳିର ସ୍ଥିତି ଅନୁଧ୍ୟାନ କରାଯାଉଛି। ଦକ୍ଷିଣ ଓଡ଼ିଶାର ଋଷିକୂଲ୍ୟା ପୁରୁଷୋତ୍ତମପୁର ପାଞ୍ଚ ମିଟର ତଳେ ଅଛି। ବଂଶଧାରାର ଜଳସ୍ତର କମ ଅଛି ବୋଲି ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ଦେଇଛନ୍ତି।



# ଶ୍ରୀ ଜଗନ୍ନାଥ ମ୍ୟୁଜିୟମକୁ ନେଇ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର,୫।୭(ମହାଭାରତ):** ଶ୍ରୀଜଗନ୍ନାଥ ଧାମର ସମୃଦ୍ଧ ଇତିହାସ ଓ ପରମ୍ପରା ସଂପର୍କରେ ପୁରୀକୁ ଆସୁଥିବା ଭକ୍ତଗଣଙ୍କୁ ଜଣାଇବା, ପୁରୀକୁ ଏକ ଉତମ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢି ତୋଳିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପୁରୀ ଠାରେ ଏକ ବିଶ୍ୱ ସ୍ତରୀୟ ଶ୍ରୀ ଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ଶୁକ୍ରବାର ଘୋଷଣା କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଶନିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ସଂପୃକ୍ତ ବିଭାଗୀୟ ସଚିବଙ୍କ ସହିତ ଆଲୋଚନା କରିଛନ୍ତି। ଶ୍ରୀ ଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ଗୋଟିଏ ପରିସରରେ ନିର୍ମିତ ହେବାକୁ ଥିବାବେଳେ ଏଥିପାଇଁ ସ୍ଥାନ ନିରୂପଣ ଓ ଆନୁଷଙ୍ଗିକ ପ୍ରସ୍ତୁତି ନିମନ୍ତେ ଏକ କମିଟି ଗଠନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ,ଏହି ବ୍ୟବସ୍ଥା କରାଯିବା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏକ ସୁଯୋଗ ପ୍ରଦାନ କରିଛି। ଏହାର ନିର୍ମାଣ କିପରି ଗୁଣାତ୍ମକ ଓ ଆକର୍ଷଣୀୟ ହେବ, ସେଥିପ୍ରତି ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଅନୁଷ୍ଠିତ ବୈଠକରେ ରାଜ୍ୟ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଖୁବ୍ ଶୀଘ୍ର ପରବର୍ତୀ ଡକାଯାଇ ଆଲୋଚନା ପୂର୍ବକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ମୁଖ୍ୟ ଶାସନ ସଚିବ ରାଜସ୍ୱ ବିଭାଗ, ସଂସ୍କୃତି ବିଭାଗ ସଚିବ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶଦେଇଛନ୍ତି ।କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ପୁରୀ ଜିଲ୍ଲାପାଳ ଏବଂ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସମେତ ସମ୍ପୃକ୍ତ ସମସ୍ତଙ୍କ ସହଯୋଗରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

# ସବୁ ପାନୀୟ ଜଳର କରାଯିବ ମାନ ଯାଞ୍ଚ କରାଯିବ

**ଭୁବନେଶ୍ୱର,୫।୭(ମହାଭାରତ):** ଓଡ଼ିଶାରେ ମେଗା ପାଇପ ଜଳ ଯୋଗାଣ (ପିଡବ୍ୟୁଏସ୍) ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା, ସେସବୁର ପରିଚାଳନା ଓ ରକ୍ଷଣାବେକ୍ଷଣ ପରିପ୍ରେକ୍ଷୀରେ ସଂପୃକ୍ତ ବିଭିନ୍ନ ବିଭାଗର ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ଉଚ୍ଚସ୍ତରୀୟ ଆନ୍ତଃ ବିଭାଗୀୟ ସମନ୍ୱୟ କମିଟି ବୈଠକ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସଂପଦ ବିଭାଗ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ଶକ୍ତି ଆଦି ସଂପୃକ୍ତ ବିଭାଗର ସଚିବ, ସର୍ବୋଚ୍ଚ ଯନ୍ତ୍ରୀ, ବୈଷୟିକ ମୁଖ୍ୟଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ଏବଂ ଜାତୀୟ ରାଜପଥ କର୍ତୃପକ୍ଷଙ୍କ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ କାର୍ଯ୍ୟକାରୀ ହୋଇଥିବା ଜଳଯୋଗାଣ ପ୍ରକଳ୍ପଗୁଡିକର ସ୍ଥିତି ସମୀକ୍ଷା କରାଯାଇଥିଲା ଏବଂ ଯେଉଁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟାନ୍ୱୟନ ନେଇ ସଂପୃକ୍ତ ବିଭିନ୍ନ ବିଭାଗୀୟ ସମସ୍ୟା ରହିଛି, ସେସବୁକୁ ଏକ ମାସ ମଧ୍ୟରେ ସମାଧାନ କରିବାକୁ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଥିଲା। ଏହାକୁ ସହଜ କରିବା ପାଇଁ ସାପ୍ତାହିକ କିମ୍ବା ପାକ୍ଷିକ ଯୁଗ୍ମ ସମୀକ୍ଷା ବୈଠକ କରାଯିବ ଏବଂ ଏଥିପାଇଁ ସଂପୃକ୍ତ ବିଭିନ୍ନ ବିଭାଗର ନୋଡାଲ ଅଧିକାରୀମାନଙ୍କର ଏକ ନିର୍ଦ୍ଦିଷ୍ଟହାଟସ୍ଆପ୍ ଗ୍ରୁପ୍ କରାଯିବ, ଯଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଉପଯୁକ୍ତ ସମନ୍ୱୟ କରାଯାଇପାରିବ। ଉନ୍ନୟନ ଆୟୁକ୍ତ ଶ୍ରୀମତୀ ଗର୍ଗ ପାନୀୟ ଜଳ ଯୋଗାଣର ପରିଚାଳନା ଓ ରକ୍ଷଣାବେକ୍ଷଣର ଉନ୍ନତି ପାଇଁ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ। ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ବାସ୍ତବ ସମୟଭିତ୍ତିକ ନିରୀକ୍ଷଣ ପାଇଁ ଏକ ସୁଦୃଢ ଡିଜିଟାଲ୍ ପ୍ଲାଟଫର୍ମ ବିକଶିତ କରାଯାଉଛି। ଏହି ବ୍ୟବସ୍ଥା ପ୍ରଥମେ ମେଗା ପ୍ରକଳ୍ପଗୁଡ଼ିକରେ ସ୍ଥାପିତ ସ୍କାଡା ବ୍ୟବସ୍ଥା ସହ ସଂଯୋଜିତ ହେବ ଏବଂ ସମୟକ୍ରମେ ତାହା ସଂପ୍ରସାରିତ ହୋଇ ଛୋଟ ଛୋଟ ଯୋଜନାଗୁଡିକରେ ଥିବା କମ୍ପୃଟରୀକୃତ ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରାଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। କ୍ଷେତ୍ରସ୍ତରରେ ପାନୀୟ ଜଳ ଯୋଗାଣର ପ୍ରଭାବୀ ପରିଚାଳନା ଓ ରକ୍ଷଣାବେକ୍ଷଣ ତଦାରଖପାଇଁ ପ୍ରତି ଜିଲ୍ଲାସ୍ତରରେ ପ୍ରକଳ୍ପ ପରିଚାଳନା ୟୁନିଟ୍ ସ୍ଥାପନ କରିବାକୁ ବୈଠକରେ ନିଷ୍ପତି ନିଆଯାଇଛି।

## କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ-ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬- ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ୧୦ ମିନିଟ ଗରମ ପାରିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।



..... ପରଦା ଖବର .....

## ପ୍ରେକ୍ଷାଳୟରେ 'ଶ୍ରୀ ଜଗନ୍ନାଥଙ୍କ ନବକଳେବର'






ପ୍ରେକ୍ଷାଳୟରେ 'ଶ୍ରୀ ଜଗନ୍ନାଥଙ୍କ ନବକଳେବର'। ମୁକ୍ତିଲାଭ କରିଛି 'ଶ୍ରୀ ଜଗଉାଥଙ୍କ ନବକଳେବର'। ବଡ ପରଦାରେ ମହାପ୍ରଭୁଙ୍କ ଲୀଳାଖେଳା ଦେଖିବାକୁ ମିଳିଛି। ସାଇ ଶ୍ରଦ୍ଧା ଟେଲି ପ୍ରଡକ୍ସନ ନିବେଦିତ 'ଶ୍ରୀ ଜଗନ୍ନାଥଙ୍କ ନବକଳେବର'ର ପ୍ରଯୋଜନା ସହ ନିର୍ଦ୍ଦେଶନା ଦେଇଛନ୍ତି ବିନି ସାମଲ।ଅନ୍ୟତମ ପ୍ରଯୋଜକ ରହିଛନ୍ତି ଦିଲ୍ଲୀପ କୁମାର ଜେନା।ଶ୍ରୀ ଜଗନ୍ନାଥଙ୍କ ମହିମା ଉପରେ ଆଧାରିତ ତଥା ତାରକା ଖଚିତ ଏହି ସିନେମାକୁ ର୍ନିମାଣ ପାଇଁ କଳାକାର ଓ ଟେକନିସିଆନଙ୍କୁ ପ୍ରାୟ ୩ ବର୍ଷ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡିଛି। ସିଦ୍ଧାନ୍ତ ମହାପାତ୍ର, ସୂର୍ଯ୍ୟମୟୀ, ଜ୍ୟୋତି, ଶିବାନୀ, ଶ୍ରୀତମ, ଅଂଶୁମାନ, ପିଙ୍କି, କୁନା ତ୍ରିପାଠୀ, ଅଶ୍ରୁମୋଚନ, ପ୍ରତିଭା ପଣ୍ଡା, ରବି ମିଶ୍ର ପ୍ରମୁଖ ଅଭିନେତା ଓ ଅଭିନେତ୍ରୀ ଏଥିରେ ଅଭିନୟ କରିଛନ୍ତି।ପ୍ରସିଦ୍ଧ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଚର୍ଚ୍ଚିତ ନାଟକ ଆଧାରରେ ର୍ନିମିତ ଏହି ଚଳଚ୍ଚିତ୍ରରେ ସଙ୍ଗୀତ ଦେଇଛନ୍ତି ମଳୟ ମିଶ୍ର। ଡ଼. ର୍ନିମଳ ନାୟକଙ୍କ ରଚିତ 'ଜଗତରେ ପାଇବୁନି ଏମିତି ଠାକୁର' ଗୀତ ବେଶ ଭାଇରାଲ ହୋଇଛି। ଗୁରୁଜୀ ଚନ୍ଦ୍ର ଭାନୁ ଶତପଥୀ ଗୀତ ରଚନା କରିବା ସହ ଦୁଇଟି ଗୀତରେ ସଙ୍ଗୀତ ଦେଇଛନ୍ତି।

## ରାତିରେ ପନିର ସେବନ କରିବା ଉଚିତ କି ଅନୁଚିତ



ପନିର ପ୍ରୋଟିନର ଏକ ଉତ୍ତମ ସ୍ରୋତ। ମାତ୍ର ରାତି ସମୟରେ ପନିର ଖାଇବା ଉଚିତ କି ନୁହେଁ। ସ୍ୱାସ୍ଥ୍ୟ ଉପରେ ଏହାର କି ପ୍ରଭାବ ପଡିଥାଏ। ଜାଣନ୍ତୁ..

ରାତିରେ ପନିର ଖାଇବା ଦ୍ୱାରା ପାଚନ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ।

ରାତିରେ ପନିର ଖାଇବା ଦ୍ୱାରା ପେଟ ଫୁଲିବା ଓ ପେଟ ବଢିବା ସମସ୍ୟା ମଧ୍ୟ ଦେଖାଦିଏ।

ରାତିରେ ଅଧିକ ପନିର ସେବନ କରିବା ଦ୍ୱାରା ଶରୀରରେ କୋଲେଷ୍ଟେରୋଲ୍ ସ୍ତର ବୃଦ୍ଧି ହୋଇଥାଏ। ଫଳରେ ହୃଦୟ ଜନିତ ସମସ୍ୟା ମଧ୍ୟ ଦେଖାଦିଏ।

ରାତିରେ ପନିର ଖାଇବା ଦ୍ୱାରା ଶରୀରରେ ଫ୍ୟାଟ୍ ବଢିଥାଏ। ଫଳରେ ମୋଟାପଣ ମଧ୍ୟ ବୃଦ୍ଧି ହୋଇଥାଏ।

ପନିର ଖାଇବା ଦ୍ୱାରା ରାତିରେ ପାଚନ ସମସ୍ୟା ସୃଷ୍ଟି ହୋଇ ନିଦରେ ମଧ୍ୟ ପ୍ରଭାବ ପକାଇଥାଏ। ଫଳରେ ରାତିରେ ସଠିକ ଭାବେ ନିଦ ହୋଇନଥାଏ। ରାତିରେ ପନିର ଖାଇବା ଦ୍ୱାରା ଗ୍ୟାଷ୍ଟ୍ରିକ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ।ଅଧିକ ପନିର ସେବନ କରିବା ଦ୍ୱାରା ମାନ୍ଦା ଅନୁଭବ ହୋଇଥାଏ।

## ମାଇଗ୍ରେନ୍ ସହ ଅନେକ ସମସ୍ୟାକୁ ଦୂର କରିବ ବ୍ଲୁ ଟି'

ସାଧାରଣତଃ ଚା ପିଇବାକୁ ସମସ୍ତ ଭଲ ପାଆନ୍ତି। ଅନେକ ଲୋକ ଭିନ୍ନ ଚା ପିଅନ୍ତି। ଯେପରିକି ଆପଣ ନିଶ୍ଚିତ ଭାବରେ ମସାଲା ଚା, ଗ୍ରୀନ ଟି ଓ ବ୍ଲାକ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ବିଷୟରେ କହିବାକୁ ଗଲେ ବ୍ଲୁ ଟି' ମଧ୍ୟ ଆଗରେ ରହିଛି। ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଚା'ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି ଯାହା ବହୁ ପ୍ରକାରର ଯନ୍ତ୍ରଣାକୁ ଦୂର କରିଥାଏ । ଏହି ଚା 'ଅତ୍ୟନ୍ତ ଲାଭଦାୟକ ଅଟେ। ଏହି ବ୍ଲୁ ଟି' ପ୍ରକୃତରେ ଅପରାଜିତା ଫୁଲରୁ ତିଆରି ହୋଇଥାଏ ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଅପରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା। ତେବେ ଆସନ୍ତୁ ଜାଣିବା ବ୍ଲୁ ଟି' ପିଇବା ଦ୍ୱାରା କଣ ଲାଭ ମିଳିଥାଏ ?



**ବ୍ଲୁ ଟି ' ର ସ୍ୱାସ୍ଥ୍ୟ ଉପକାରିତା:**

♦ ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ଏହି ଚା 'ପିଇପାରିବେ। ବ୍ଲୁ ଟି ' ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ ।

♦ ଏହା ସହ ମଧୁମେହ ରୋଗୀଙ୍କ ପାଇଁ ସୁଗାର ନିୟନ୍ତ୍ରଣ କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ବିଶେଷକରି ଟାଇପ୍- ୧ ଡାଇବେଟିସ୍ ରେ ଏହା ଭଲ ଫଳାଫଳ ଦେଖାଏ।

♦ ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଟି 'ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହି ଚା ଏକ ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରେ।


♦ କର୍କଟ ରୋଗରେ ଏହି ଚା ପିଇବା ଦ୍ୱାରା ଅନେକ ଉପକାର ଦେଖାଯାଏ।

♦ ମାଇଗ୍ରେନର ଶିକାର ହୋଇଥିଲେ ଏହାର ଯନ୍ତ୍ରଣା ହ୍ରାସ କରିବାରେ ବ୍ଲୁ ଟି ମଧ୍ୟ ବହୁତ ସାହାଯ୍ୟ କରିଥାଏ। ଏହି ଚା ପିଇବା ଦ୍ୱାରା ମସ୍ତିଷ୍କର ସ୍ନାୟୁ ଫୁଲିଯାଏ ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ଆସେ। ଏହା ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ଏହାକୁ କିପରି ପ୍ରସ୍ତୁତ କରିବେ**

♦ ଅପରାଜିତାର ନୀଳ ଫୁଲକୁ ଫୁଟୁଥିବା ପାଣିରେ ରଖନ୍ତୁ, ଏହାକୁ ଏକ ମିନିଟ୍ ପାଇଁ ଘୋଡାନ୍ତୁ ଏବଂ ପରେ ଫିଲ୍ଟର୍ ତଥା ଛାଣି ନିଅନ୍ତୁ । ଯଦି ଚାହାଁନ୍ତି, ସ୍ୱାଦ ପାଇଁ ସେଥିରେ ଲେମ୍ବୁ, ମହୁ ମିଶାନ୍ତୁ। ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ମହୁ ମିଶାନ୍ତୁ ନାହିଁ ।

## 'ଶ୍ରୀକୃଷ୍ଣ ତୁମେ ମିଥ୍ୟାବାଦୀ'



ଦିନେ ଶ୍ରୀକୃଷ୍ଣ ରାମେଶ୍ୱର କୁଣ୍ଡର ଉତ୍ତର କୂଳରେ ଶ୍ରୀରାଧିକା ଓ ଗୋପୀମାନଙ୍କ ସହିତ ଗଛ ଛାଇରେ ବସି ରାସ କରୁଥିଲେ। ସେହି ସମୟରେ ତାଙ୍କ ରୂପରେ ଆକର୍ଷିତ ହୋଇ ନିକଟରେ ଥିବା କିଛି ବାନର(ମାଙ୍କଡ଼) ଗଛରୁ ଓହ୍ଲାଇ ଶ୍ରୀକୃଷ୍ଣଙ୍କ ପାଦତଳେ ପ୍ରଣାମ କରି ନାଚିବା ଏବଂ ଡେଇଁବା ଆରମ୍ଭ କଲେ। ପୁଷ୍କରିଣୀର ଦକ୍ଷିଣ ପାର୍ଶ୍ୱରେ ଥିବା ଗଛରୁ ଓହ୍ଲାଇ ଦୀର୍ଘ ସମୟ ଡେଇଁବା ପରେ ଅନେକ ବାନର ତାଙ୍କ ଚରଣ ନିକଟରେ ପହଞ୍ଚିଥିଲେ । ଭଗବାନ କୃଷ୍ଣ ସେହି ବାନରମାନଙ୍କର ବୀରତ୍ୱର ପ୍ରଶଂସା କରିବା ଆରମ୍ଭ କଲେ।

ଏହି ଆଶ୍ଚର୍ଯ୍ୟଜନକ ଲୀଳା ଦେଖି ଗୋପୀମାନେ ମଧ୍ୟ ମନ୍ତ୍ରମୁଗ୍ଧ ହୋଇଗଲେ। ସେମାନେ ମଧ୍ୟ ପ୍ରଭୁ ରାମଚନ୍ଦ୍ରଙ୍କ ଚମତ୍କାର ଲୀଳା ବିଷୟରେ ବର୍ଣ୍ଣନା କରିବା ଆରମ୍ଭ କରି କହିଥିଲେ ଯେ ଶ୍ରୀରାମଚନ୍ଦ୍ର ମଧ୍ୟ ବାନରମାନଙ୍କ ସାହାଯ୍ୟ ନେଇଥିଲେ। ସେତେବେଳେ ଲଳିତା ନାମକ ଜଣେ ଗୋପୀ କହିଥିଲେ- ଆମେ ଶୁଣିଛୁ ଯେ ମହାପରାକ୍ରମୀ ହନୁମାନ ତ୍ରେତୟା ଯୁଗରେ ଗୋଟିଏ ଲମ୍ଫ ଦେଇ ସମୁଦ୍ର ପାର ହୋଇଥିଲେ। କିନ୍ତୁ ଆଜି ଆମେ ଦେଖୁଛୁ ଯେ ବାନରମାନେ ମଧ୍ୟ ଏକ ଲମ୍ଫରେ ଏହି ପୁଷ୍କରିଣୀ ଅତିକ୍ରମ କରୁଛନ୍ତି ।

ଏହା ଶୁଣି କୃଷ୍ଣ ଗର୍ବର ସହିତ କହିଲେ- ତୁମେ ଜାଣ! ମୁଁ ହିଁ ତ୍ରେତୟା ଯୁଗରେ ଶ୍ରୀରାମ ଥିଲି, ମୁଁ ହିଁ ରାମ ରୂପରେ ସମସ୍ତ ଲୀଳା ପ୍ରଦର୍ଶନ କରିଥିଲି। କିନ୍ତୁ ଲଳିତା ଶ୍ରୀରାମଚନ୍ଦ୍ରଙ୍କ ଅଦ୍ଭୁତ ଲୀଳାକୁ ପ୍ରଶଂସା କରିବା ସହ କହିଥିଲେ, ଟିକେ ହସି କହିଥିଲେ, ଶ୍ରୀକୃଷ୍ଣ ତୁମେ ଜଣେ ମିଥ୍ୟାବାଦୀ, ତୁମେ କଦାପି ରାମ ନ ଥିଲ... ଏପରି ସାହସିକତା ତୁମ ପାଇଁ ସମ୍ଭବ ନୁହେଁ। ଶ୍ରୀକୃଷ୍ଣ ସ୍ମିତହାସ୍ୟ ଦେଇ କହିଲେ - ତୁମେ ଏହାକୁ ବିଶ୍ୱାସ କରିପାରିବ ନାହିଁ, କିନ୍ତୁ ମୁଁ ଶ୍ରୀରାମ ରୂପ ନେଇ ଜନକପୁରୀରେ ଶିବଙ୍କ ଧନୁ ଭାଙ୍ଗି ସୀତାଙ୍କୁ ବିବାହ କଲି। ପିତାଙ୍କ ଆଦେଶ ଅନୁଯାୟୀ, ଧନୁ ଏବଂ ତୀର ଧାରଣ କରି ସୀତା ଏବଂ ଲକ୍ଷ୍ମଣଙ୍କ ସହ ଚିତ୍ରକୁଟ ଏବଂ ଦଣ୍ଡକାରଣ୍ୟ ଯାତ୍ରା କରି ସେଠାରେ ଥିବା ଅତ୍ୟାଚାରୀ ଦୈତ୍ୟମାନଙ୍କୁ ବିନାଶ କରିଥିଲି। ତା'ପରେ ସୀତାଙ୍କ ବିରହ ମଧ୍ୟରେ ଏ ବନରୁ ସେ ବନ ବୁଲି ପୁନର୍ବାର ବାନରମାନଙ୍କ ସାହାଯ୍ୟରେ ରାବଣ ସହିତ ଲଙ୍କାପୁରୀ ଧ୍ୱଂସ କରି ଅଯୋଧ୍ୟାକୁ ଫେରିଥିଲି।

ମୁଁ ଏହି ଯୁଗରେ ଗୋପାଳ ରୂପ ଧାରଣ କରି ବଂଶୀ ବଜାଇ ଗୋଚାରଣ କରି ଜଙ୍ଗଲରୁ ଜଙ୍ଗଲ ବୁଲିଛି। ଏହି ସମୟରେ ମୁଁ ପ୍ରିୟତମା ଶ୍ରୀରାଧିକାଙ୍କ ଏବଂ ତୁମ ଗୋପୀମାନଙ୍କ ସହିତ ବିନୋଦ କରୁଛି । ମୋର ରାମ ଅବତାରରେ ଧନୁ ଏବଂ ତୀରର ଟଙ୍କାରରେ ତ୍ରିଲୋକ ଥରି ଉଠୁଥିଲା। କିନ୍ତୁ ବର୍ତ୍ତମାନ ମୋର ମଧୁର ବେଣୁନାଦରେ ସମସ୍ତ ପ୍ରାଣୀ ଉନ୍ମତ୍ତ ହେଉଛନ୍ତି। ଲଳିତା ଶୁଣି ହସିଲେ ଏବଂ କହିଲେ - ଆମେ କେବଳ ଖାଲି ଶବ୍ଦ ସହିତ ବିଶ୍ୱାସ କରିପାରିବୁ ନାହିଁ, ଯଦି ଆମକୁ ଶ୍ରୀରାମଙ୍କ ପରି କିଛି ପରାକ୍ରମ ଦେଖାଇ ପାରିବ, ତେବେ ଆମେ ବିଶ୍ୱାସ କରିପାରିବୁ। ଲଳିତାଙ୍କ କଥା ଶୁଣି ଶ୍ରୀକୃଷ୍ଣ ବେଣୁ ଧ୍ୱନି ଦ୍ୱାରା କ୍ଷଣମାତ୍ରକେ ସମସ୍ତ ବାନରମାନଙ୍କୁ ଏକତ୍ରିତ କରାଇ ସେମାନଙ୍କୁ ପ୍ରସ୍ତର ଶିଳା ମାଧ୍ୟମରେ ସେହି ପୁଷ୍କରିଣୀ ଉପରେ ସେତୁ ବାନ୍ଧିବା ପାଇଁ ଆଦେଶ ଦେଲେ। ଶ୍ରୀକୃଷ୍ଣଙ୍କ ଆଦେଶରେ ଦେଖୁ ଦେଖୁ ହଜାର ହଜାର ବାନର ବହୁ ଉତ୍ସାହର ସହିତ ଦୂର ସ୍ଥାନରୁ ପଥର ଆଣି ସେତୁ ନିର୍ମାଣ ଆରମ୍ଭ କଲେ। ସେହି ବାନରମାନେ ଆଣିଥିବା ପଥରଗୁଡ଼ିକ ଦ୍ୱାରା ଶ୍ରୀକୃଷ୍ଣ ନିଜ ହାତରେ ସେତୁ ନିର୍ମାଣ କରିଥିଲେ। ସେତୁ ଆରମ୍ଭରେ ଶ୍ରୀକୃଷ୍ଣ ପୁଷ୍କରିଣୀର ଉତ୍ତର ଦିଗରେ ନିଜର ପ୍ରିୟ ଭଗବାନ ରମେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ମଧ୍ୟ କରିଥିଲେ।

## କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ

କରମଙ୍ଗା ଦେଖିବାକୁ ତାରା ଭଳି। ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ୍ୟ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ୍ୟ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ



ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆଦି ଅନେକ ମହତ୍ତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକ।

ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତ। ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ତ୍ୱଚାର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ ଲଢ଼ିବାରେ ମଧ୍ୟ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକ। ଏହା ହୃଦୟ ରୋଗର ଆଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ୍ୟ ଅତ୍ୟନ୍ତ ଉପାଦେୟ। କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।

# ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରୁଛି

**ଭୁବନେଶ୍ୱର,୫।୭ (ମହାଭାରତ):** ପ୍ରସ୍ତାବିତ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର-ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ-ଅନେକ ମଞ୍ଜୁରୀ ଏବଂ ନିୟାମକ ମାଇଲଖୁଣ୍ଟ ସହିତ ଅଗ୍ରଗତି ରେକର୍ଡ କରିଛି ଏବଂ ଏହାର ଉପଲବ୍ଧି ଦିଗରେ ଏହାର ଗତିକୁ ପୁନଃ ନିଶ୍ଚିତ କରିଛି।ସେପ୍ଟେମ୍ବର ୨୨,୨୦୨୩ରେ ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଏମ. ଓ. ସି. ଏ) ଗ୍ରୀନଫିଲ୍ଡ ବିମାନବନ୍ଦର ପାଇଁ ସାଇଟ୍ କ୍ଲିୟରାନ୍ସ ପ୍ରଦାନ କରିବା ପରେ ଉପକୂଳୀୟ ସହର ପୁରୀକୁ ଏକ ଅନ୍ତର୍ଜାତୀୟ ପ୍ରବେଶ ପଥରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଏହି ପ୍ରକଳ୍ପକୁ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ମିଳିଥିଲା ଏହା ପରେ ୨୦୨୫ ମସିହା ମେ ୬ ତାରିଖରେ କେନ୍ଦ୍ରରୁ ନୀତିଗତ ଅନୁମୋଦନ ମିଳିଥିଲା, ଯାହା ପରବର୍ତ୍ତୀ ବିକାଶ ପାଇଁ ସବୁଜ ସଙ୍କେତ ପ୍ରଦାନ କରିଥିଲା।

ସମୁଦାୟ ୧୧୬୪ ଏକର ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ଏହି ପ୍ରକଳ୍ପରେ ସର୍ବନିମ୍ନ ଜଙ୍ଗଲ ପରିବର୍ତ୍ତନ କରାଯାଇଛି, ମାତ୍ର ୬୮ ଏକରକୁ ଜିଲ୍ଲା ସ୍ତରୀୟ କମିଟି (ଡିଏଲସି)/ରାଜସ୍ ଜଙ୍ଗଲ ଜମି ଭାବେ ବର୍ଗୀକୃତ କରାଯାଇଛି। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମଓଇଏଫ ଆଣ୍ଡ ସିସି) କୁ ସମସ୍ତ ଆବଶ୍ୟକୀୟ ଅନୁପାଳନ ଦସ୍ତାବିଜ ଦାଖଲ କରିସାରିଛି ।ଆଇଆରଓ, ଏମଓଇଏଫ ଆଣ୍ଡ ସିସି, ଭୁବନେଶ୍ୱର ଅଧୀନରେ ଥିବା ଆଞ୍ଚଳିକ ପ୍ରାଧିକୃତ କମିଟି (ଆରଇସି) ପ୍ରଥମ ପର୍ଯ୍ୟାୟ ଜଙ୍ଗଲ ମଞ୍ଜୁରୀ ପାଇଁ ଏହି ପ୍ରକଳ୍ପକୁ ସୁପାରିଶ କରିଛି। ଜଙ୍ଗଲ ପରିବର୍ତ୍ତନ ପ୍ରସ୍ତାବ ଏବେ କେନ୍ଦ୍ର ସରକାରଙ୍କ ସକ୍ରିୟ ବିଚାରଧୀନରେ ରହିଛି ଜୁନ୍ ୨୪,୨୦୨୫ ରେ ଅନୁଷ୍ଠିତ ବୈଠକରେ, ଏମଓଇଏଫ ଏବଂ ସିସିର ପରାମର୍ଶଦାତା କମିଟି ଅଲିଭ୍ ରିଡେଲ କଇଁଛ, ଡଲଫିନ ଏବଂ ପ୍ରବାସୀ ପକ୍ଷୀଙ୍କ ପରି ପରିବେଶ ସମ୍ବେଦନଶୀଳ ପ୍ରଜାତି ପାଇଁ ଏକ ଜୀବବୈଚିତ୍ର୍ୟ ସଂରକ୍ଷଣ ଯୋଜନା ଏବଂ ପ୍ରଶମନ ପଦକ୍ଷେପ ସମେତ ଅତିରିକ୍ତ ସୂଚନା ଲୋଡିଥିଲେ ବର୍ତ୍ତମାନ ।ଇଲ୍ଡଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ। (ଡବ୍ଲୁଆଇଆଇ) ସହଯୋଗରେ ଏହି ସଂରକ୍ଷଣ ଯୋଜନା ପ୍ରସ୍ତୁତ କରାଯାଉଛି। ବଡ଼ ଧରଣର ଭିତ୍ତିଭୂମି ପ୍ରକଳ୍ପ ପାଇଁ ଏଭଳି ପଦକ୍ଷେପ ମାନକ ପ୍ରୋଟୋକଲର ଅଂଶ ବୋଲି ସରକାରୀ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ବାଣିଜ୍ୟ ଓ ପରିବହନ ବିଭାଗ ପରାମର୍ଶଦାତା କମିଟିର ସୁପାରିସ ଅନୁଯାୟୀ ଆବଶ୍ୟକ ପ୍ରଶମନ ପଦକ୍ଷେପ ପ୍ରସ୍ତୁତ କରିବା ଆରମ୍ଭ କରିସାରିଛି ଏବଂ ପ୍ରଥମ ପର୍ଯ୍ୟାୟ ମଞ୍ଜୁରୀ ପାଇବା ପାଇଁ ଯୋଜନା ଦାଖଲ କରିବ।

# ଟଙ୍କା ଫେରିପାଇବେ ସମସ୍ତ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ




**ଭୁବନେଶ୍ୱର,୫।୭ (ମହାଭାରତ):** ବିଜେପି ରାଜ୍ୟରେ ଏକାକୀ ସରକାର ଗଠନ କରିବାପରେ ଚିଟଫଣ୍ଡ ସଂସ୍ଥାରେ କ୍ଷତିଗ୍ରସ୍ତ ସମସ୍ତ ଯୋଗ୍ୟ ଜମାକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଉଛି। ମାତ୍ର ୧ ବର୍ଷ ମଧ୍ୟରେ ୧ ଲକ୍ଷ୍ୟ ୨୬ ହଜାର ୧୩୭ ଜଣ ଯୋଗ୍ୟ ଜମାକାରୀଙ୍କ ଟଙ୍କା ଫେରସ୍ତ କରାଯାଇଛି। ଆସନ୍ତା ୩-୪ ମାସ ମଧ୍ୟରେ ୫ ଲକ୍ଷ ଯୋଗ୍ୟ ଜମାକାରୀକାରୀଙ୍କୁ ପର୍ଯ୍ୟାୟକ୍ରମେ ଟଙ୍କା ଫେରସ୍ତ କରାଯିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ବିଜେପି ସରକାରଙ୍କ ନିଷ୍ଠାପର ଉଦ୍ୟମ ପାଇଁ ଚିଟ୍‌ଫଣ୍ଡରେ କ୍ଷତିଗ୍ରସ୍ତ ଯୋଗ୍ୟ ହିତାଧିକାରୀମାନେ ଟଙ୍କା ଫେରିପାଇବେ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମନମୋହନ ସାମଲ କହିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ, ବିଜେଡି ସରକାରଙ୍କ ଉପରେ ବିଶ୍ୱାସ ଓ ଭରସା ରଖି ବିଭିନ୍ନ ଚିଟ୍‌ଫଣ୍ଡ ସଂସ୍ଥାରେ ଓଡ଼ିଶାର ଜନସାଧାରଣ ସେମାନଙ୍କ କଷ୍ଟ ଅର୍ଜିତ ଟଙ୍କା ଜମା କରିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଜନସାଧାରଣଙ୍କ ଭରଷା ସହ ଖେଳିଥିଲା ବିଜେଡି ସରକାର। ୧୭୪ଟି ଚିଟଫଣ୍ଡ କମ୍ପାନୀ ଓଡ଼ିଶାର ଜନସାଧାରଣଙ୍କ ଟଙ୍କା ହରିଲୁଟ୍ କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ବିଜେଡି ସରକାରର ଅନେକ ମନ୍ତ୍ରୀ, ସାଂସଦ, ବିଧାୟକମାନେ ପ୍ରାୟୋଜିତ ଭାବେ ଚିଟଫଣ୍ଡ ନାଁରେ ଲୋକଙ୍କ ଟଙ୍କା ଆତ୍ମସାତ କରିଥିଲେ। ଏହି ମାମଲାରେ ଅଭିଯୁକ୍ତ ହୋଇ ବିଜେଡିର ବହୁ ନେତା ଓ ମନ୍ତ୍ରୀ ବିଗତ ଦିନରେ ଜେଲ୍ ଯାଇଛନ୍ତି। ଚିଟଫଣ୍ଡ ସଂସ୍ଥାରେ ଟଙ୍କା ଲଗାଇ ଲକ୍ଷଲକ୍ଷ ଯୋଗ୍ୟ ଜମାକାରୀ ଅନିଶ୍ଚିତତା ମଧ୍ୟରେ ଦିନ କାଟୁଥିଲେ। ଫଳରେ ସାଧାରଣ ଲୋକଙ୍କ ବିଶ୍ୱାସ ସରକାରଙ୍କ ଉପରୁ ଉଠିଯାଇଥିଲା। ଏହି ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଥିଲା। ଏହାପରେ କର୍ପସ ଫଣ୍ଡ ଓ କମିଶନ ଗଠନ ହୋଇଥିଲା, ମାତ୍ର କ୍ରିୟାନ୍ୱୟନ ହୋଇପାରି ନଥିଲା। ଏପରିକି ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଇ ନଥିଲା। କାରଣ ବିଜେଡି ସରକାରଙ୍କ ଉଦ୍ଦେଶ୍ୟ ଠିକ୍ ନଥିଲା। ସରକାରଙ୍କ ଦାୟିତ୍ୱ ହେଉଛି ଲୋକଙ୍କ ବିଶ୍ୱାସନିୟତା ରକ୍ଷା କରିବା।

ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବା ପାଇଁ ତୁରନ୍ତ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ। ଚିଟ୍‌ଫଣ୍ଡ କ୍ଷତିଗସ୍ତ ସମସ୍ତ ଯୋଗ୍ୟ ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯିବ। ଏନେଇ ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ନିଜର ସଂକଳ୍ପପତ୍ରରେ ଘୋଷଣା କରିଥିଲା। ବିଜେପି ସରକାର କ୍ଷତିଗସ୍ତ ଜମାକାରୀଙ୍କ ପ୍ରତି ସମ୍ବେଦନଶୀଳ। ସମସ୍ତ କ୍ଷତିଗସ୍ତ ଯୋଗ୍ୟ ଜମାକାରୀ କିପରି ଟଙ୍କା ପାଇବେ ସେନେଇ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ । ସାମାନ୍ୟ ପ୍ରମାଣ ଦେଖାଇଲେ ଯେପରି ଜମାକାରୀ ଟଙ୍କା ଫେରସ୍ତ ପାଇପାରିବେ ସେଭଳି ବିଧି ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସାମଲ କହିଛନ୍ତି । ଏହି ଅବସରରେ କଂଟାବାଡ଼ୀ ବିଧାୟକ ଶ୍ରୀ ଲକ୍ଷ୍ମଣ ବାଗ, ରାଜ୍ୟ ବିଜେପି ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ ଏବଂ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସବୁଜିମାର ବୃଦ୍ଧି ପରିବେଶ ସମସ୍ୟାର ପ୍ରମୁଖ ପ୍ରତିକାର




**ଭୁବନେଶ୍ୱର,୫।୭ (ମହାଭାରତ):** ଓଡ଼ିଶା ପରିବେଶ ସମିତି (ଓଇଏସ୍) ଆନୁକୂଲ୍ୟରେ ଚଳିତ ବର୍ଷର ବନ ମହୋତ୍ସବ କାର୍ଯ୍ୟକ୍ରମ ବରମୁଣ୍ଡସ୍ଥିତ ରାଜଧାନୀ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷ ଡ଼. ସରୋଜକାନ୍ତ ଚୌଧୁରୀଙ୍କର ଅଧକ୍ଷତାରେ 'ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଇଏସର କାର୍ଯ୍ୟକାରୀ ସଭାପତି ଡ଼. ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଓଇଏସ୍ ସଦସ୍ୟମାନଙ୍କ ଯୋଗଦାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଡ଼. ପ୍ରିୟଦର୍ଶିନୀ ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓଇଏସ୍ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ବର୍ଦ୍ଧିତ ପରିବେଶ ସମସ୍ୟା ପରିପ୍ରେକ୍ଷୀରେ ବନ ମହୋତ୍ସବ ସପ୍ତାହ ପାଳନର ତାତ୍ପର୍ଯ୍ୟ ଏବଂ ଏଥିରେ ସମସ୍ତଙ୍କର ଯୋଗଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡ଼. ପାଣିଗ୍ରାହୀ ପ୍ରକୃତି ଓ ପରିବେଶର ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରି ବ୍ୟକ୍ତ କରିଥିଲେ ଯେ ଜଳବାୟୁ ପରିବର୍ତ୍ତନ, ପରିସଂସ୍ଥା ଓ ଜୈବବିବିଧତାର ଅବକ୍ଷୟ ଏବଂ ବିବିଧ ପ୍ରଦୂଷଣକୁ ପ୍ରତିହତ କରିବା ନିମନ୍ତେ ଶ୍ରେଷ୍ଠ ପ୍ରତୀକାରାତ୍ମକ ପନ୍ଥା ହେଉଛି ବର୍ତ୍ତମାନ ବିଦ୍ୟମାନ ଥିବା ଜଙ୍ଗଲସବୁର ସଂରକ୍ଷଣ ଏବଂ ବ୍ୟାପକ ଋରରୋପଣ ମାଧ୍ୟମରେ ସବୁଜିମା ସୃଷ୍ଟିକୁ ପ୍ରସାରିତ କରିବା ଓ ଅଧକ୍ଷ ଡ଼. ଚୌଧୁରୀ ଛାତ୍ରଛାତ୍ରୀମାନଙ୍କୁ ସବୁଜ ସୈନିକ ଭାବରେ ପରିବେଶର ସୁରକ୍ଷା ନିମନ୍ତେ ନିଜର ପ୍ରତିବଦ୍ଧତା ପ୍ରକାଶ ନିମନ୍ତେ ତଥା ନିଜ ନିଜର ଜନ୍ମ ଦିବସରେ ପ୍ରତ୍ୟେକ ଏକ ଋରରୋପଣ କରିବା ନିମନ୍ତେ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମକୁ ସହାୟତା କରିଥିବା ଭୁବନେଶ୍ୱର ମାରଓ୍ୱାଡ଼ି ମହିଳା ସମିତିର ସଭାପତି ଜୁହି ଅଗ୍ରୱାଲ ପରିବେଶ ସୁରକ୍ଷାରେ ସମସ୍ତଙ୍କର ଯୋଗଦାନକୁ ଗୁରୁତ୍ୱ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ପ୍ରାଣୀବିଜ୍ଞାନ ଅଧାପିକା ଅପରାଜିତା ମହାପାତ୍ର ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଓଇଏସ୍ କୋଷାଧକ୍ଷ ପ୍ର. ବି ସୀତାରାମ ପାତ୍ର ଓ ରମେଶ ଚନ୍ଦ୍ର ପଣ୍ଡା ଏବଂ ପର୍ଶୁରାମ ପଣ୍ଡାଙ୍କ ପରିଋଳନାରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରିଶେଷରେ ମହାବିଦ୍ୟାଳୟ ପରିସରରେ ଋରରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସଂଖ୍ୟାଲଘୁ କଂଗ୍ରେସର ସାଂଗଠନିକ ବୈଠକ




**ଭୁବନେଶ୍ୱର,୫।୭ (ମହାଭାରତ):** ଓଡ଼ିଶା ରାଜ୍ୟ ସଂଖ୍ୟାଲଘୁ କଂଗ୍ରେସର ରାଜ୍ୟ ଅଧକ୍ଷ ଜିଆ-ଉଲ୍-ହକ୍‌ଙ୍କ ଅଧକ୍ଷତାରେ ଏକ ରାଜ୍ୟସ୍ତରୀୟ ସାଂଗଠନିକ ବୈଠକ କଂଗ୍ରେସଭବନ ଠାରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି ବୈଠକରେ ଯୋଗଦେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସାରା ଓଡ଼ିଶାରେ ସଂଖ୍ୟାଲଘୁ ସଂପ୍ରଦାୟ ଲୋକ ମାନଙ୍କ ପ୍ରତି ବଢୁଥିବା ଅତ୍ୟାଚାରକୁ ନେଇଚିନ୍ତା ପ୍ରକଟ କରିଥିଲେ ଓ ଆଗାମୀ ଦିନରେ କଂଗ୍ରେସ ଦଳ ସଂଖ୍ୟାଲଘୁ ସଂପ୍ରଦାୟ ସହିତ ସବୁ ପ୍ରକାର ପରିସ୍ଥିତିରେ ଦୃଢ଼ଭାବେ ଠିଆ ହେବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ସଂଖ୍ୟାଲଘୁ ସଂପ୍ରଦାୟର ଲୋକମାନଙ୍କୁ ଭୟଭିତ କରିବା ପାଇଁ ବିଜେପି ସରକାର ବିଭିନ୍ନ ସମୟରେ ଏନ୍. ଆର.ସି., ସି.ଏ.ଏ. ଏବଂ ୱାକ୍‌ଫ୍ ସଂଶୋଧନ ବିଲ ଇତ୍ୟାଦି ବିଭିନ୍ନ ପ୍ରକାର ଭ୍ରାନ୍ତିକର ଆଇନ ମାନ ଆଣି ଦେଶରେ ଘୃଣା ଓ ବିଭେଦ ଭାବ ସୃଷ୍ଟି କରିବା ପାଇଁ ପ୍ରୟାସ କରୁଛନ୍ତି। କିନ୍ତୁ ଲୋକ ସଭାର ବିରୋଧି ଦଳର ନେତା ରାହୁଲ ଗାନ୍ଧୀ ଦୃଢ଼ଭାବେ ସଂଖ୍ୟାଲଘୁ ସଂପ୍ରଦାୟ ସହିତ ଅଛନ୍ତି ଓ ଆଗାମୀ ଦିନରେ ସଂଖ୍ୟାଲଘୁ ସଂପ୍ରଦାୟକୁ କ୍ଷତି ହେଲା ପରି କୌଣସି ଆଇନ ସଂସଦରେ ପାରିତ ନ କରିଦେବାକୁ ଶପଥ ଗ୍ରହଣ କରିଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ। ରାଜ୍ୟ ଅଧକ୍ଷ ଆଇନଜିବୀ ଜିଆ-ଉଲ-ହକ୍ ଆଗାମୀ ଦିନରେ ସଂଖ୍ୟାଲଘୁ କଂଗ୍ରେସକୁ ବୁଥ୍ ସ୍ତରରେ ସକ୍ରୀୟ କରିକଂଗ୍ରେସ ଦଳର ହାତମୁଠାକୁ ଟାଣ କରିବା ପାଇଁ ସମସ୍ତ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ।

# ଗ୍ରାମୀଣ ଓଡ଼ିଶାର ଗ୍ରୋଥ୍ ଇଞ୍ଜିନ୍ ସମବାୟ



**ଭୁବନେଶ୍ୱର,୫।୭ (ମହାଭାରତ):** ଲାଭ ନୁହେଁ, ସେବା ପାଇଁ ସମର୍ପିତ ସମବାୟ ଅନୁଷ୍ଠାନ। ବ୍ୟକ୍ତି ଅପେକ୍ଷା ଗୋଷ୍ଠୀର ବିକାଶ ପାଇଁ ପ୍ରତିବଦ୍ଧ ଥିବା ସମବାୟ ଅନୁଷ୍ଠାନ ଗ୍ରାମୀଣ ଓଡ଼ିଶାର ଗ୍ରୋଥ୍ ଇଂଜିନ୍ ସାଜିବ ବୋଲି ମାନ୍ୟବର ସମବାୟ ତଥା ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦିପ ବଳ ସାମନ୍ତ କହିଛନ୍ତି। ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ପାଳନ ଉପଲକ୍ଷେ ଆୟୋଜିତ ସମବାୟ ପଦଯାତ୍ରାର ଶୁଭାରମ୍ଭ କରିବା ଅବସରରେ ସେ ଏହା କହିଛନ୍ତି । ଆଜି ସକାଳ ୭ ଘଟିକା ସମୟରେ ସ୍ଥାନୀୟ ମଧୁସୂଦନ ସମବାୟ ପରିଋଳନା ପ୍ରତିଷ୍ଠାନ ଠାରୁ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ଏକ ସମବାୟ ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ମାନ୍ୟବର ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦିପ ବଳ ସାମନ୍ତ ଯ ଅଂଶଗ୍ରହଣକାରୀମାନେ ବିଭିନ୍ନ ସ୍ଲୋଗାନ୍ ଦେଇ ସମବାୟ ଅନୁଷ୍ଠାନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ।

ଏହି ସମବାୟ ପଦଯାତ୍ରାରେ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସ, ଅତିରିକ୍ତ ନିବନ୍ଧକ ଭକ୍ତବନ୍ଧୁ ସାହୁ, ଯୁଗ୍ମ ନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି, ମଧୁସୂଦନ ସମବାୟ ପରିଋଳନା ପ୍ରତିଷ୍ଠାନର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ଦାଶ, ବରିଷ୍ଠ ଅଧାପକ ସରୋଜ କୁମାର କାଶ୍ୟପ, ଅନୁଷ୍ଠାନର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ପାଳନ, କେନ୍ଦ୍ର ସମବାୟ ମନ୍ତ୍ରାଳୟର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଦିବସ ତଥା ଆସନ୍ତାକାଲି (୫ ଜୁଲାଇ ) ପାଳନ ହେବାକୁ ଥିବା ଅନ୍ତର୍ଜାତୀୟ ସମବାୟ ଦିବସ ଉପଲକ୍ଷେ ଏହି ପଦଯାତ୍ରା ଆୟୋଜନ ହୋଇଥିଲା। ଏହି ଅବସରରେ ମା' ପାଇଁ ଗଛଟିଏ (ଏକ ପେଡ୍ ମା' କେ ନାମ) ଅଭିଯାନରେ ଭାଗ ନେଇ ମନ୍ତ୍ରୀ ଏକ ଋରା ରୋପଣ କରିଥିଲେ। ପ୍ରକୃତି ମାତାକୁ ସୁରକ୍ଷା ଦେବା ପାଇଁ ସାରାଦେଶରେ ମା' ପାଇଁ ଗଛଟିଏ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି ।

# କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗିରଫ

**ଭୁବନେଶ୍ୱର,୫।୭ (ମହାଭାରତ):** ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇଛନ୍ତି ବଲାଙ୍ଗୀରର କଣ୍ଟାବାଞ୍ଜି ଆର୍ ଆଣ୍ଡ ବି ଡିଭିଜନ ଅଧୀନରେ ଥିବା ଟିଟଲାଗଡ଼ ଆର୍ ଆଣ୍ଡ ବି ସବ-ଡିଭିଜନର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦିଲେଶ୍ୱର ମାଝୀ। ଗତକାଲି ଦିଲେଶ୍ୱରଙ୍କ ନିକଟରେ ଆୟବର୍ହିଭୁତ ସମ୍ପତି ଥିବା ନେଇ ତାଙ୍କର ସମ୍ବଲପୁର ବାସଭବନରେ ଭିଜିଲାନ୍ସ ତରଫରୁ ରେଡ୍ ହୋଇଥିଲା। ବଲାଙ୍ଗୀରର ସ୍ୱତନ୍ତ୍ର ବିଋରପତିଙ୍କ ଦ୍ୱାରା ଏହି ସର୍ଚ୍ଚ ୱାରେଣ୍ଟ ଜାରି କରାଯାଇଥିଲା। ଯାହା ଫଳରେ ୫ ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର, ୨ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଋରୀଙ୍କ ନେତୃତ୍ୱରେ ସମ୍ବଲପୁର, ଝାରସୁଗୁଡ଼ା ଏବଂ ବଲାଙ୍ଗୀର ଜିଲ୍ଲାର ଛଅଟି ସ୍ଥାନରେ ଏକକାଳୀନ ଚଢ଼ଉ ହୋଇଥିଲା। ସମ୍ବଲପୁର ସହର (ସରଳା)ରେ ୪୫୦୦ ବର୍ଗଫୁଟରୁ ଅଧିକ ଜାଗାରେ ଏକ ଦୁଇ ମହଲା କୋଠା ଥିବା ବେଳେ ତଳ ମହଲାରେ ତାଙ୍କ ପତ୍ନୀ ଏକ ବିୟୁଟି ପାର୍ଲର ଖୋଲିଛନ୍ତି। ଝାରସୁଗୁଡ଼ାର ବ୍ରଜରାଜନଗର ୟୁନିଟ୍-୨ର ଗଣ୍ଡାଘୋରା ମୌଜାରେ ୬୩୦୦ ବର୍ଗଫୁଟରୁ ଅଧିକ ଜାଗାରେ ଆଉ ଏକ ଦୁଇ ମହଲା କୋଠା ଏବଂ ଲହଣ୍ଡାପୁରରେ ଆଉ ଦୁଇଟି ବଙ୍ଗଳା ରହିଛି। କେବଳ ଏତିକି ନୁହେଁ ୟୁନିଟ୍-୨ରେ ୪ଟି ଦୋକାନ ସହିତ ୯୦୦ ବର୍ଗଫୁଟରୁ ଅଧିକ ଜାଗାରେ ଏକ ମାର୍କେଟ୍ କମ୍ପ୍ଲେକ୍ସ ମଧ୍ୟ ରହିଛି। ୯ଟି ଦାମୀ ପ୍ଲଟ ରହିଛି।ଯାହାକି ସମ୍ବଲପୁର, ଝାରସୁଗୁଡ଼ାର ବ୍ରଜରାଜନଗର ଏବଂ ବଡ଼ମାଳରେ ଗୋଟିଏ ଲେଖାଏଁ ଥିବା ବେଳେ ସମ୍ବଲପୁର ରେ ୬ଟି ପ୍ଲଟ ରହିଛି।ବେଡ଼ରେ କରିଥିବା ସିକ୍ରେଟ୍ ଋମ୍ବରରୁ ନଗଦ ୬,୫୭,୫୦୦ ଟଙ୍କା ଜବତ ହୋଇଛି। ଏଥିସହ ୩୦୦ ଗ୍ରାମ ସୁନା ମଧ୍ୟ ଜବତ କରାଯାଇଛି। ୨୦ ଲକ୍ଷ ଟଙ୍କା ବ୍ୟାଙ୍କ୍ ରେ ଜମା ଥିବା ନେଇ ମଧ୍ୟ ସୂଚନା ମିଳିଛିୟ ଏଥିସହିତ ଗୋଟିଏ ଋରି ଚକିଆ। ଯାନ (ସ୍ୱିଫ୍ଟ ଡିଜାୟାର) ସହ ୨ଟି ଦୁଇ ଚକିଆ। ଯାନ ମଧ୍ୟ ଜବତ କରାଯାଇଛି।

# ହାଣ୍ଡିଧୁଆ ସ୍କୁଲର ରୂପାନ୍ତରଣ କରାଯିବ

**ଭୁବନେଶ୍ୱର,୫।୭ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ନିଜେ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିବା ତାଳଚେର ହାଣ୍ଡିଧୁଆ। ସରକାରୀ ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରଣ ତଥା ସ୍କୁଲର ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୧ କୋଟି ୩୭ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କ ସହ ସମୟ ଅତିବାହିତ କରିବା ସହ ପିଲାଦିନର ସ୍ମୃତିକୁ ମନେପକାଇଥିଲେ। ସେ କହିଛନ୍ତି ଯେ ଏହି ସ୍କୁଲରେ ମୁଁ ମୋ ଜୀବନର ପ୍ରାଥମିକ ଶିକ୍ଷା ଗ୍ରହଣ କରିଛି। ପିଲାଦିନର ଅନେକ ସ୍ମୃତି ଏହି ସ୍କୁଲ ସହ ଜଡ଼ିତ। ଏହା ମୋର ଘର ପରି ମନେହୁଏ। ଏହି ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳରେ ପ୍ରାଥମିକ ଶିକ୍ଷାରେ ଏକ ସମ୍ମାନସ୍ପଦ ଅନୁଷ୍ଠାନ ଭାବରେ ଉଭା ହୋଇଛି। ଏହି ସ୍କୁଲର ଉନ୍ନତି ପାଇଁ ମୋର ବହୁତ ଦିନରୁ ଇଚ୍ଛା ଥିଲା । ଆଜି ଏଠାରେ ସ୍ମାର୍ଟ କ୍ଲାସରୁମ, ରୋଷେଇ ଘର, ନୂଆ। ଭବନ ଏବଂ ଡାଇନିଂ ହଲ ଏବଂ ଅନ୍ୟାନ୍ୟ କାର୍ଯ୍ୟର ଉଦଘାଟନ କରିଛନ୍ତି ।କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଆଜି ଉଦଘାଟିତ ହୋଇଥିବା ବିକାଶମୂଳକ ପ୍ରକଳ୍ପ ଗୁଡ଼ିକ ଦ୍ୱାରା ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଉପକୃତ ହେବେ।

ନୂତନ ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଆମେ ଯେଉଁ ସାମଗ୍ରିକ, ମୂଳ ଏବଂ ଭବିଷ୍ୟତବାଦୀ ଶିକ୍ଷା ବ୍ୟବସ୍ଥାର କଳ୍ପନା କରୁଛୁ ତାହା ଏହି ବିଦ୍ୟାଳୟଗୁଡ଼ିକ ମାଧ୍ୟମରେ ସାକାର ହେବ, ଯେଉଁଠାରେ ଶିକ୍ଷା କେବଳ ପରୀକ୍ଷା ନୁହେଁ ବରଂ ବ୍ୟକ୍ତିତ୍ୱ ଏବଂ ରାଷ୍ଟ୍ର ନିର୍ମାଣର ଏକ ମାଧ୍ୟମ ହେବ। ହାଣ୍ଡିଧୁଆ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯେଉଁ ଆତ୍ମବିଶ୍ୱାସ ଅଛି, ତାହା ୨୦୪୭ ସୁଦ୍ଧା ବିକଶିତ ଭାରତର ଏକ ଆଲୋକବର୍ତ୍ତିକା ଭାବରେ କାମ କରିବ। ସ୍କୁଲର ଉତ୍ତରୋତ୍ତର ଉନ୍ନତି ସହ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି କେନ୍ଦ୍ରମନ୍ତ୍ରୀ।

ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲର ମଧ୍ୟାହ୍ନଭୋଜନ ସ୍ଥିତି ପରଖିବା ସହ ଅନ୍ୟାନ୍ୟ ବ୍ୟବସ୍ଥା ବିଷୟରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରକାଶ ଥାଉ କି, ସ୍କୁଲ ଶିକ୍ଷା ସହ ଭିତ୍ତିଭୂମିକୁ ମଜଭୁତ କରିବା ଦିଗରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଷ୍ଟାର୍ସ ତଥା ଅନ୍ୟ ଯୋଜନା ଅନ୍ତର୍ଗତ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଏହି ହାଣ୍ଡିଧୁଆ। ସରକାରୀ ସ୍କୁଲକୁ ୧ କୋଟି ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା।

# ପାଣିପାଗ ସୂଚନା ନେଟୱାର୍କ ପ୍ରକଳ୍ପ ଆରମ୍ଭ ହେବ

**ଭୁବନେଶ୍ୱର,୫।୭ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ପାଣିପାଗ ସୂଚନା ନେଟୱାର୍କ ଡାଟା ସିଷ୍ଟମ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ସ୍କାଇମେଟ୍ ୱେଦର୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭାରତ ସରକାର ପାଣିପାଗ ସୂଚନା ନେଟୱାର୍କ ଡାଟା ସିଷ୍ଟମ ଆରମ୍ଭ କରିଛନ୍ତି।

ଏହି ପଦକ୍ଷେପ କୃଷି, ବୀମା ଏବଂ ବିପର୍ଯ୍ୟୟ ପରିଋଳନା କ୍ଷେତ୍ରରେ ପାଣିପାଗ ତଥ୍ୟର ସୁଗମ କରିବ ଏବଂ ବିପର୍ଯ୍ୟୟ ପରିଋଳନା କରିବା ପାଇଁ ଉଦ୍ଦିଷ୍ଟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ସମୟୋଚିତ ଏବଂ ସଠିକ୍ ପାଣିପାଗ ତଥ୍ୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱୟଂଋଳିତ ପାଣିପାଗ କେନ୍ଦ୍ର ଏବଂ ଅଟୋମେଟିକ ରେନ ଗଜ୍ ସ୍ଥାପନ କରାଯିବ। ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱୟଂଋଳିତ ରେନ ଗଜ୍ ସ୍ଥାପନ କରାଯିବ। ବ୍ଲକ ସ୍ତରରେ ସ୍ୱୟଂଋଳିତ ପାଣିପାଗ କେନ୍ଦ୍ର ସ୍ଥାପନ କରାଯିବ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଉତ୍ତମ ଫସଲ ଯୋଜନା, ବିପଦ ମୂଲ୍ୟାୟନ ଏବଂ ଅମଳ ପୂର୍ବାନୁମାନ ପାଇଁ ସଠିକ୍ ପାଣିପାଗ ତଥ୍ୟ ପ୍ରଦାନ କରିବା ଦ୍ୱାରା ଋଷୀମାନଙ୍କର କୃଷିଦକ୍ଷତା ବୃଦ୍ଧି ପାଇବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଦକ୍ଷ ଦାବି ମୂଲ୍ୟାଙ୍କନ ଏବଂ ବିପଦ ହ୍ରାସ ରଣନୀତିକୁ ସହଜ କରିବା ଦ୍ୱାରା ଋଷୀମାନେ ବହୁବିଧ ଫସଲ ଗ୍ରହଣ କରିବାକୁ ଉତ୍ସାହିତ ହେବେ। କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍ସେନା ଏବଂ ସ୍କାଇମେଟ୍ ପାଣିପାଗ ସେବା ପ୍ରାଇଭେଟ୍ ଲିମିଟେଡ୍ ସିଇଓ ଶ୍ରୀ ଯୋଗେଶ ପାଟିଲ୍ ବୁଝାମଣାପତ୍ରରେ ସ୍ୱାକ୍ଷର ଏବଂ ଆଦାନପ୍ରଦାନ କରିଥିଲେ। ଅତିରିକ୍ତ ସଚିବ ଡକ୍ଟର ଗଣେଶ୍ୱର ଜେନା, ଡକ୍ଟର ରାଜେଶ ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ରାଜ୍ୟରେ ନୂଆ ସମବାୟ ନୀତି

**ଭୁବନେଶ୍ୱର,୫।୭ (ମହାଭାରତ):** ଆସନ୍ତା ଜାନୁଆରୀ ୩୧ ତାରିଖ ସୁଦ୍ଧା ରାଜ୍ୟରେ ନୂଆ ସମବାୟ ନୀତି ଆସିବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ଜାତୀୟ ସ୍ତରରେ ଅନୁଷ୍ଠିତ ଏହି ବେଅଠକରେ ଓଡ଼ିଶାରୁ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗ ଦେଇଥିଲେ। ଦିଲ୍ଲୀରେ ଆୟୋଜିତ ମନ୍ଥନ ବୈଠକରେ ସମବାୟ ସମିତି ଉନ୍ନତି ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସମବାୟ ମନ୍ତ୍ରୀ କହିଛନ୍ତି, ରାଜ୍ୟର ସବୁ ପଞ୍ଚାୟତରେ ସମବାୟ ସମିତି ଗଠନ ହେବ। ସମିତିରେ ବହୁମୁଖି ବ୍ୟବସାୟ ହେବ। ଏଲପିଜି ଗ୍ୟାସ୍ ବିତରଣ, ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ଜନସେବା କେନ୍ଦ୍ର, ଡ଼ାଇରି ଫାର୍ମ, ଦୁଗ୍ଧ ବିତରଣ କେନ୍ଦ୍ର ଭଳି ବିଭିନ୍ନ ବ୍ୟବସ୍ଥା ସମିତି ଜରିଆରେ ହେବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଲୋକଙ୍କୁ ଘର ପାଖରେ ସୁବିଧା ସୁଯୋଗ ପହଞ୍ଚାଇବା ପାଇଁ ସମବାୟ ସମିତି ସବୁ ପ୍ରକାର ବ୍ୟବସାୟ କରିବ। ଲାଭ ନୁହେଁ ସେବା ଆଶାରେ କାମ କରିବ ସମବାୟ ସମିତି। ଲୋକଙ୍କ ପାଖରେ ପଂହଁଚିବ ସମବାୟ। ଏଥିସହ ପ୍ରତି ପଞ୍ଚାୟତରେ ପ୍ରତିଷ୍ଠା ହେବ ବ୍ୟାଙ୍କ। ଋଷୀ ୩ ଲକ୍ଷ ଋଣ ନେଲେ ବାର୍ଷିକ ଦୁଇ ପ୍ରତିଶତ ସୁଧ ଦେବାର ବ୍ୟବସ୍ଥା ରହିଛି। ବର୍ତ୍ତମାନ ଋଣ ୫ ଲକ୍ଷ କରିବେ ସରକାର। କେତେ ପ୍ରତିଶତ ସୁଦ୍ଧ ରହିବ ଖୁବ ଶୀଘ୍ର ହେବ ନିଷ୍ପତ୍ତି ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଚିଟ୍ ଫଣ୍ଡ ପ୍ରସଙ୍ଗରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁହଁ ଖୋଲିଛନ୍ତି।

# ଟ୍ରମ୍ପଙ୍କ ଦୋମୁହାଁ ନୀତି

ଇରାନ ଉପରେ ଆକ୍ରମଣ ନିମନ୍ତେ ଆମେରିକା ବହୁ ଦିନରୁ ଯୋଜନା କରିଥିଲା ଏବଂ ପ୍ରସ୍ତୁତି ଚଳାଇଥିଲା । ଇରାନ ଉପରେ ଆକ୍ରମଣ ପାଇଁ ଇସ୍ରାଏଲକୁ ଆମେରିକା ହିଁ ପ୍ରୋତ୍ସାହିତ କରିଥିଲା । ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିବାରେ ମୁଖ୍ୟ ଭୂମିକା ନେଇଥିବା ଦାବି କରି ବାହା ବା ନେଉଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ଉପରେ ଯୁଦ୍ଧ ବନ୍ଦ ପାଇଁ ଚାପ ପକାଇପାରିଲେନି ? ଇରାନ ଉପରେ ଆକ୍ରମଣକୁ ଟ୍ରମ୍ପ ଯଥାର୍ଥ ବୋଲି କହିଛନ୍ତି । ଟ୍ରମ୍ପଙ୍କ କହିବାନୁଯାୟୀ ଇରାନ ଏକ ଆତଙ୍କବାଦୀ ରାଷ୍ଟ୍ର । ଏହା ପରାମାଣୁ ଶକ୍ତି ସମ୍ପନ୍ନ ହେବା ସମଗ୍ର ବିଶ୍ୱ ବା ମାନବଜାତି ପାଇଁ ବିପଦ । ଏହା ସତ କଥା । କିନ୍ତୁ ଇରାନ ଯଦି ଆତଙ୍କବାଦୀ ରାଷ୍ଟ୍ର, ତେବେ ପାକିସ୍ତାନ କ"ଣ ? ଇରାନ ଅପେକ୍ଷା ପାକିସ୍ତାନ ନିକଟରେ ଅଧିକ ପରମାଣୁ ଅସ୍ତ୍ର ରହିଛି । ଗୋଟିଏ ପଟେ ଟ୍ରମ୍ପ ପାକିସ୍ତାନକୁ ସାହାଯ୍ୟ, ସମର୍ଥନ କରୁଛନ୍ତି ଏବଂ ଏହାକୁ ସୁରକ୍ଷା ପ୍ରଦାନ କରୁଛନ୍ତି । ଅନ୍ୟ ପଟେ ଇରାନ ଉପରେ ଆକ୍ରମଣ କରୁଛନ୍ତି । ଏହା ଟ୍ରମ୍ପଙ୍କ ଦୋମୁହାଁ ନୀତିର ପରିଚାୟକ । ଇରାନ ତୁଳନାରେ ପାକିସ୍ତାନ ଅଧିକ ମାରାତ୍ମକ ଦେଶ । ପାକିସ୍ତାନ ହେଉଛି ବିଶ୍ୱ ଆତଙ୍କବାଦର ଏନ୍ତୁଡ଼ିଶାଳ । ପହଲଗାମ ଆତଙ୍କୀ ହମଲା ପରେ ଭାରତୀୟ ସେନା ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ଉପରେ ଆକ୍ରମଣ କରି ସେଠାରେ ଥିବା ଆତଙ୍କବାଦୀ ଆଡ୍ଡାକୁ ନଷ୍ଟ କରିଥିଲା । ଭାରତୀୟ ସେନାର ଆକ୍ରମଣରେ ଭୟଭୀତ ପାକିସ୍ତାନ ଆମେରିକାର ଶରଣ ପଶିଥିଲା । ଆମେରକିା ଚାପରେ ଭାରତ ଓ ପାକିସ୍ତାନ ଯୁଦ୍ଧ ବିରତି ଲାଗି ସହମତ ହେଲେ । ଏହା ସ୍ୱାଗତଯୋଗ୍ୟ । କିନ୍ତୁ ଆମେରିକାର ଏହି ନୀତି ସମସ୍ତଙ୍କ ପାଇଁ ଲାଗୁ ହେବା ଉଚିତ । ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବିରୋଧ କରୁଥିବା ଆମେରିକା ନିଜେ କାହିଁକି ପରମାଣୁ ଅସ୍ତ୍ର ଗଚ୍ଛିତ ରଖିଛି ? ବିଶ୍ୱରେ ପ୍ରଥମେ କିଏ ପରମାଣୁ ଅସ୍ତ୍ର ବ୍ୟବହାର କରିଥିଲା । ଏବେ ବିଶ୍ୱର ଅନେକ ଦେଶରେ ପରମାଣୁ ଅସ୍ତ୍ର ରହିଛି । ଉତ୍ତର କୋରିଆ ନିକଟରେ ମଧ୍ୟ ଏହା ରହିଛି । ଆମେରିକାର ଯଦି ସତସାହସ ଅଛି ତେବେ ଉତ୍ତର କୋରିଆ ଉପରେ ଆକ୍ରମଣ କରି ଏହାର ପରମାଣୁ ଅସ୍ତ୍ରକୁ ନଷ୍ଟ କରିବା ଉଚିତ । ସେଠାରେ କିମ ଜଙ୍ଗ ଉନ ଦୀର୍ଘ ବର୍ଷ ହେବ ଏକଛତ୍ରବାଦୀ ଶାସନ ଚଳାଇଆସୁଛନ୍ତି । ତାଙ୍କୁ ଆମେରିକା ଗାଦିଚ୍ୟୁତ କରିବାକୁ ପ୍ରୟାସ କରିବା ଉଚିତ । ଏହା ଦ୍ୱାରା ଉତ୍ତର କୋରିଆର ଅନେକ ନିରୀହ ବ୍ୟକ୍ତି ଅତ୍ୟାଚାରରୁ ରକ୍ଷା ପାଇପାରନ୍ତେ । ଇରାନ ଉପରେ ଆମେରିକାର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଅଧିକ ଜଟିଳ ହୋଇଛି । ଆମେରିକା ଆକ୍ରମଣର ପ୍ରତିଶୋଧ ନେବାକୁ ଇରାନ ସଙ୍କଳ୍ପ ନେଇଛି । ମଧ୍ୟପ୍ରାଚ୍ୟରେ ଥିବା ପ୍ରତ୍ୟେକ ଆମେରିକୀୟଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି । ଏଥିପାଇଁ କେବଳ ଟ୍ରମ୍ପ ଦାୟୀ । ଆମେରିକାର ଆକ୍ରମଣ ପରେ ଇରାନ ହରମୁଜ ପ୍ରଣାଳୀକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି । ଏହି ରୁଟ ଦେଇ ବିଶ୍ୱର ଏକ ତୃତୀୟାଂଶ ତୈଳ ପରିହନ ହୋଇଥାଏ । ହରମୁଜ ପ୍ରଣାଳୀ ବନ୍ଦ ହେଲେ ବିଶ୍ୱବଜାରରେ ତୈଳ ଦର ବୃଦ୍ଧି ପାଇବ ଏବଂ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହେବ । ତୈଳ ଦର ବୃଦ୍ଧି ପାଇଲେ ମୁଦ୍ରାସ୍ଫୀତି ବଢ଼ିବ ଏବଂ ଅଭିବୃଦ୍ଧି ହାର କମିବ । ଭାରତ ପାଇଁ ଏହା ଏକ ଆହ୍ୱାନ । ୨୦୨୦ରେ କୋଭିଡ ମହାମାରୀ ଆରମ୍ଭ ହେବା ପରଠାରୁ ଭାରତ ଅର୍ଥନୈତିକ କ୍ଷେତ୍ରରେ ସଂଘର୍ଷ କରିଆସୁଛି । ମହାମାରୀ ପରେ କ୍ରମାଗତ ଭାବେ ବିଭିନ୍ନ ଦେଶ ମଧ୍ୟରେ ଯୁଦ୍ଧ ଲାଗି ରହିବା ଭାରତୀୟ ଅର୍ଥନୀତି ପାଇଁ ବିପଦର କାରଣ ହୋଇଛି । ଏଥିପାଇଁ ଭାରତର ଅଭିବୃଦ୍ଧି ହାର ଆଶାଠାରୁ କମିଛି । ଏବେ ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଜଟିଳ ହେବା ପରେ ଆଗକୁ ଭାରତୀୟ ଅର୍ଥନୀତି ସଙ୍କଟର ସମ୍ମୁଖୀନ ହୋଇପାରେ ।

# ଭିତରକନିକାର ଭିତିରି କଥା

।। ଡ. ଗଣେଶ ଚନ୍ଦ୍ର କୁଣ୍ଡ ।।

> "ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି ।

ଭିତରକନିକାର ବିଶ୍ ପ୍ରସିଦ୍ଧ କୁମ୍ଭୀର, ଡ଼ଲଫିନ, ଅଲିଭ୍ ରିଡ଼ଲେ କଇଁଛ, ହେନ୍ତାଳବଣ, ବିସ୍ତୃତ ବେଳାଭୂମି ସହିତ ଜୀବଜନ୍ତୁ ଭରା ସବୁଜ ସୁନ୍ଦର ପରିବେଶ ଦେଶ ବିଦେଶର ପର୍ଯ୍ୟଟକ ଓ ଗବେଷକଙ୍କୁ ଆକୃଷ୍ଟ କରିଥାଏ । ବିଗତ ଏକ ଦଶନ୍ଧି ହେଲା, ମୁଁ ପ୍ରତି ବର୍ଷ ଭିତରକନିକା ଭ୍ରମଣ କରିବାକୁ ଯାଇଛି । ଏମିତି ଯିବା ଆସିବା ଭିତରେ ଅନେକ ଅନୁଭୂତିର କଥା ମଧ ଅଛି । ଗତ ବର୍ଷ ମୁଁ ଓ ମୋର ଛଅ ଜଣ ବନ୍ଧୁ ଭିତରକନିକା ବୁଲିବାକୁ ଯାଇଥିଲୁ । ଭିତରକନିକା ଅଭୟାରଣ୍ୟ ମଧରେ ବୋଟରେ ବୁଲିକି କୁମ୍ଭୀର, ପଶୁପକ୍ଷୀ ତଥା ହେନ୍ତାଳ ବଣ ଦେଖିବା ଅତି ଆକର୍ଷଣୀୟ । ବୋଟ ଚାଳକ କହିଲେ ବୋଟର କ୍ଷମତା ୨୦ ଜଣ, ଜଣେ ଲୋକ ଗଲେ ଯେତିକି ଟଙ୍କା ପଡିବ, ୨୦ ଜଣ ଗଲେ ମଧ ସେତିକି ଟଙ୍କା ଲାଗିବ । ତେଣୁ ଆମେ ଚିନ୍ତା କଲୁ ଯଦି ଆଉ କିଛି ପର୍ଯଟକ ଆମ ସହିତ ମିଶିକି ବୁଲନ୍ତେ ତେବେ ଟଙ୍କା ଭାଗକରି ଦେଲେ ଖର୍ଚ୍ଚ ପରିମାଣ କମିଯାଆନ୍ତା । ଯାହା ହେଉ ଆଉ ତିନି ଜଣ ପର୍ଯ୍ୟଟକ ମିଳିଗଲେ । ସେମାନଙ୍କ ମଧରେ ୨ ଜଣ ପୁରୁଷ ଓ ଜଣେ ମ୍ୟାଡାମ୍ ଥିଲେ ।




ବୋଟରେ ଯାତ୍ରା କରୁଥିବା ସମୟରେ ବିଭିନ୍ନ କଥା ଆଲୋଚନା ଚାଲିଥାଏ କିନ୍ତୁ ସେ ମ୍ୟାଡାମ୍ ଜଣକ ଚୁପଚାପ ଥାଅନ୍ତି । କିଛି ସମୟ ପରେ ମୋର ଜଣେ ବନ୍ଧୁ କହିଲେ ସମସ୍ତେ ମିଶିକି ଗୋଟେ ଫଟୋ ଉଠେଇବା । ତା'ପରେ ବନ୍ଧୁ ପଚାରିଲେ ମ୍ୟାଡାମ୍ ଆପଣ କେଉଁଠାରୁ ଆସିଛନ୍ତି ? କ'ଣ କରନ୍ତି ଆପଣ ? ମ୍ୟାଡାମ୍ ଟିକେ ରାଗିଲା ଭଳି କହିଲେ ମୋ ବିଷୟରେ ଜାଣିବାକୁ ଆପଣ କାହିଁକି ଏତେ ବ୍ୟସ୍ତ ? ଖବର କାଗଜ ଓ ଟିଭି ମାଧମରେ ଜାଣିବାକୁ ମିଳୁଛି । ପ୍ରତିଦିନ ଠକ ଓ ଚୋରମାନେ ନୂଆ ନୂଆ ପ୍ରକାରର କୌଶଳ ଅବଲମ୍ବନ କରି ଅନେକ ଝିଅ ଓ ମହିଳା ମାନଙ୍କୁ ଅସୁବିଧାରେ ପକାଉଛନ୍ତି । ତେଣୁ ଅଜଣା ଲୋକଙ୍କ ସହିତ ବେଶି ମିଶିବା, ସେମାନଙ୍କ ସହିତ ଫଟୋ ଉଠେଇବା ଓ ବ୍ୟକ୍ତିଗତ କଥା ସେୟାର କରିବା ଠିକ ନୁହେଁ । ଏପ୍ରକାର କଥା ଶୁଣି ମୁଁ କହିଲି ମ୍ୟାଡାମ୍ ଆପଣଙ୍କୁ ଆମେ ସବୁ ଚୋର ଆଉ ଠକ ଭଳି ଦେଖାଯାଉଛୁ କି ? ମ୍ୟାଡାମ୍ କହିଲେ ଅନେକ ଅଛନ୍ତି ଭଦ୍ରଲୋକ ପରି କଥା କୁହନ୍ତି କିନ୍ତୁ ପରବର୍ତୀ ସମୟରେ ସେମାନଙ୍କର ପ୍ରକୃତ ରୂପ ଜଣାପଡେ, ସେତେବେଳକୁ ସେମାନଙ୍କ କବଳରୁ ରକ୍ଷା ପାଇବାର ଉପାୟ ନଥାଏ । ଆଜିକାଲି ଦୁନିଆରେ ଏମିତ ସବୁ ଘଟୁଛି ଯେ ଠକମାନେ ବିଭିନ୍ନ ଉପାୟରେ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥାନ୍ତି ତା'ପରେ ବ୍ଲାକମେଲ୍ କରିଥାନ୍ତି । ମନ୍ଦ ଉଦେଶ୍ୟ ରଖିଥିବା ବ୍ୟକ୍ତି ଯଦି କୌଣସି ଫଟୋ ପାଇଗଲେ ତାକୁ କମ୍ପୁଟର ମାଧମରେ ପରିବର୍ତନ କରି ଫେକ ଆକାଉ ଖୋଲି ପୋଷ୍ଟିଂ କରିଥାନ୍ତି, ଆଜିକାଲି ଏଗୁଡା ନିତି ଦିନିଆ ହୋଇଗଲାଣି । ଦୟାକରି ମୋ କଥାକୁ ଖରାପ ଭାବନ୍ତୁନି । ଯାହା କହିଲି ଆଜିକାଲିର ପରିସ୍ଥିତିକୁ ଦେଖିକି କହିଛି, କିଛି ମନ୍ଦ ଲୋକଙ୍କ କାର୍ଯ୍ୟ ପାଇଁ ଭଲ ଲୋକମାନଙ୍କୁ ମଧ ବିଶ୍ୱାସ କରି ହଉନି । ଅବିଶ୍ୱାସର ବାତାବରଣ ମଧରେ ସବୁ କିଛି ଚାଲିଛି । ଆମେ ନାରୀମାନେ ଠକ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅସୁବିଧାରେ ପଡୁଛୁ । ମୁଁ କହିଲି ଆପଣ ଯାହା କହିଲେ ଠିକ୍ କଥା, ଆଜିକାଲିକା ପରିସ୍ଥିତି ବି ସେମିତି ହୋଇଗଲାଣି । ନିଜେ ସଚେତନ ହେଲେ, ଠକ ମାନଙ୍କ କବଳରୁ ବହୁ ପରିମାଣରେ ରକ୍ଷା ପାଇପାରିବା ।

ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି । ଯେମିତିକି ପୁଅଟି ଦେଖିବାକୁ କେମିତିକା, ତା'ର ବ୍ୟବହାର, ପୁଅର ଘରେ ସବୁ କିଏ କିଏ ଅଛନ୍ତି, ସେମାନେ କଣ କରୁଛନ୍ତି, ସେମାନଙ୍କ ବ୍ୟବହାର କେମିତିକା, ପୁଅ କେଉଁ ସାଙ୍ଗମାନଙ୍କ ସହିତ ମିଶୁଛି, ନିଶା ଖାଉଛି କି ନାହିଁ, କେଉଁ ଅନୁଷ୍ଠାନରେ ପଢୁଥିଲା, ଚାକିରି କରିଥିବା ଅନୁଷ୍ଠାନରେ ବୁଝନ୍ତି ପୁଅ ଚାକିରି କରିଛି କି ନାହିଁ, ସ୍ଥାୟୀ କି ଅସ୍ଥାୟୀ, କେତେ ଦରମା ପାଉଛି, ଏମିତି କେତେ କ'ଣ । ପୁଅଟି ସତ କହୁଛି କି ମିଛ କହୁଛି ତାହା ଜାଣିବା ପାଇଁ ଅନେକ ପ୍ରକାର ମାଧ୍ୟମ ଅବଲମ୍ବନ କରାଯାଇଥାଏ । ସେ ଝିଅମାନେ ସେ ବାବୁଙ୍କ ବିଷୟରେ ଏମିତି କ'ଣ ସବୁ ବୁଝିଲେ ଯେ ଗୋଟେ ପରେ ଗୋଟେ ବାହା ହୋଇପଡିଲେ ? ସାଧାରଣତଃ ଜଣେ ପରିବା କିଣିଲା ବେଳେ ପରିବାକୁ ହାତରେ ନେଇ ବାରମ୍ବାର ଦେଖିଥାଏ । ତା'ପରେ ମନ ନବୁଝିଲେ ଦୋକାନୀକୁ ପଚାରେ ବାଇଗଣ କେଉଁଠାରୁ ଆଣିଛ, ଶୁଖିଗଲାଣି, ଦେଶୀ ନା ବିଦେଶୀ ଏମିତି କେତେ କ'ଣ । ଯଦି ପରିବା କିଣିବାବେଳେ ଏତେ ସଚେତନ ତେବେ ଜୀବନସାଥୀ ବାଛିଲା ବେଳେ କେତେ ସଚେତନ ହେବା କଥା ? ମ୍ୟାଡାମ୍ କହିଲେ ଆପଣ ଯାହା କହୁଛନ୍ତି ସତ କଥା କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ମହିଳା ଜଣକ ନା ଘରେ ନା ବାହାରେ ନା କର୍ମକ୍ଷେତ୍ରରେ, ସେ କେଉଁଠି ବି ସୁରକ୍ଷିତ ନୁହେଁ । ସମାଜିକ ହିଂସା, ବଳାତ୍କାର, ଦୁଷ୍କର୍ମ, ଯୌତୁକ ହତ୍ୟା ଓ ଘରୋଇ ହିଂସାର ଶିକାର ହେଉଛନ୍ତି । ଆଜିବି ଜଣେ ଝିଅ ଦିନରେ ହେଉ ବା ରାତିରେ ହେଉ ରାସ୍ତାରେ ସୁରକ୍ଷିତ ନୁହେଁ । ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାରର ଆଇନ ରହିଛି ତା'ପରେ ମଧ ଅନେକ ମହିଳା ବିଭିନ୍ନ ପ୍ରକାରର ଶୋଷଣର ଶିକାର ହେଉଛନ୍ତି । ଏଥିପାଇଁ ଲୋକଙ୍କ ମାନସିକତାରେ ପରିବର୍ତନ ଆସିବା ଦରକାର ଏବଂ ଦୋଷୀ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ଯାହା ଫଳରେ ଜଣେ ଖରାପ କାର୍ଯ୍ୟ କରିବା ପୂର୍ବରୁ ବାରମ୍ବାର ଚିନ୍ତା କରିବ । ମୁଁ କହିଲି ପରିସ୍ଥିତି ଏମିତି ହୋଇଗଲାଣି ଯେ ପ୍ରତିଦିନ ନୂଆ ନୂଆ ପ୍ରକାରର ଘଟଣା ଘଟୁଛି । ପ୍ରଥମେ ନିଜେ ସଚେତନ ହେଲେ ଓ ସତର୍କତା ଅବଲମ୍ବନ କଲେ, ଆମେ ନିଜକୁ ସୁରକ୍ଷିତ ରଖିପାରିବା ।

ପଟାମୁଣ୍ଡାଇ, କେନ୍ଦ୍ରାପଡା
ମୋ : ୯୯୩୮୦୬୦୮୮୬

# ସ୍ୱାସ୍ଥ୍ୟ ମୋର ସୁସ୍ଥ ହେଉ - ସତ୍‌ସଙ୍ଗର ଆହ୍ୱାନ

।। ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ।।

ଶରୀର ଓ ମନ-ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି । ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି । ତେଣୁ କୁହାଯାଇଛି ସ୍ୱାସ୍ଥ୍ୟ ହିଁ ସମ୍ପଦ । ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ । ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ । ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ । ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା । ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ । ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ । ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ । ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ । ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି । ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ । ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ । ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ । ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ । ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ । ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ ।

ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ - ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ । ଦୟାଲ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ - ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ । ପୁଣି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା - ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ । ସର୍ବ କାରଣ କାରଣ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ - ମନୁଷ୍ୟର ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବ ଠାରୁ ଭାବିବାକୁ ହୁଏ । ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ । ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାପିଲିଙ୍କର ଶରୀର ଓ ମନ ସୁସ୍ଥ ହୋଇପାରେନାହିଁ । ମା'ମାନଙ୍କୁ ଜାଣିବା ଆବଶ୍ୟକ - ଗର୍ଭାବସ୍ଥାରେ କିଭଳି ଚାଲିବାକୁ ବା ରହିବାକୁ ହୁଏ । ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ-କୃଷ୍ଟି-ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧ୍ୟମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ ହୁଅନ୍ତି । ଏହିପରି ପିତାମାତାଙ୍କ ଠାରୁ ସନ୍ତାନ ସୁସ୍ଥ ଜୈବୀ ସଂସ୍ଥିତିର ଅଧିକାରୀ ହୋଇଉଠେ ଓ ଜୈବୀ ସଂସ୍ଥିତି ହେଉଛି ଜୀବନର ଆକର । ଜାତକର ରୋଗ-ନିରୋଧ କ୍ଷମତା, ଆୟୁ ଓ ବର୍ଦ୍ଧନ ତତ୍ପରତା ଏହି ଜୈବୀ ସଂସ୍ଥିତି ଉପରେ ହିଁ ନିର୍ଭର କରେ । ଉତ୍ସ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧିରେ ଧିରେ ହ୍ରାସ ହୋଇଆସେ ।

ଖାଦ୍ୟ ଗ୍ରହଣ କରିବା କର୍ମ ହେଉଛି ଏକ ଉପାସନା । ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ । ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧାତ୍ମିକବାଦୀମାନେ କହିଥାନ୍ତି । ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ । ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ । ଆତ୍ମା ବାହାରି ଯାଇଥିବା ଦେହ ବା ଶବଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ । ଏହି କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା । ଭଗବତ ଗୀତାରେ ଉଲ୍ଲେଖ ଅଛି 'ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନକମ୍ ଚତୁର୍ବିଧମ୍ ।' ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି - ଉପାସନା । ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ । ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ । ଯଜ୍ଞାଗ୍ନିକୁ ଯେଭଳି ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଏ, ଖାଦ୍ୟ ଗ୍ରହଣ କରିବା ସେହିଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତ୍ତମ ଉପାସନା । ବେଳେ ବେଳେ ନାନା କାରଣବଶତଃ ମଣିଷ ଅଭିମାନ, ଅଜ୍ଞତା ଓ କ୍ରୋଧର ବଶବର୍ତ୍ତୀ ହୋଇ ବା ଅନ୍ୟ କାହା ଉପରେ ଦାଉ ସାଧିବାକୁ ଯାଇ, ନଖାଇ ନପିଇ ନିଜ ଦେହକୁ କଷ୍ଟ ଦେଇଥାଏ । ବେଳେ ବେଳେ ଓଳିଏ ପାଇଁ ପାକସ୍ଥଳୀକୁ ପରିଷ୍କାର କରିବା ପାଇଁ ଖାଦ୍ୟ ଗ୍ରହଣ କରିବାରେ ବିରତି ଦିଆଯାଇପାରେ । ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସର୍ବୋପରି ଆଧାତ୍ମିକ ସ୍ୱାସ୍ଥ୍ୟ ପାଇଁ ସଠିକ୍ ପ୍ରକାର ଓ ସଠିକ୍ ଭାବର ସହ ଖାଦ୍ୟ ଗ୍ରହଣ କରିବା କେତେ ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସମସ୍ତଙ୍କର ଅନୁଧ୍ୟାନର ବିଷୟ । ଆଧାତ୍ମିକ ସ୍ୱାସ୍ଥ୍ୟ ନିମିତ୍ତ ନିୟମିତ ପୂଜା ପ୍ରାର୍ଥନା, ଧ୍ୟାନ ଓ ଗୁରୁଦୀକ୍ଷା ଏକାନ୍ତ ପ୍ରୟୋଜନ - ଏହି ମତବ୍ୟକ୍ତ କରିଛନ୍ତି ଯୁଗାବତାର ମହାପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର । ନିଜ ସ୍ୱାସ୍ଥ୍ୟ ପ୍ରତି ନିଜେ ନିଜେ ସଚେତନ ହୋଇ ସମସ୍ତେ ଯଦି ସ୍ୱାସ୍ଥ୍ୟ ନୀତି ଓ ନିୟମ ପାଳନ ପୂର୍ବକ ସୁସ୍ଥ ଜୀବନଯାପନ କରନ୍ତେ ତାହା ନିଜ ପ୍ରତି, ନିଜ ପରିବାର ପ୍ରତି ଓ ସର୍ବୋପରି ସମାଜ ତଥା ଦେଶ ପ୍ରତି ଆଶୀର୍ବାଦ ହୋଇଯାଆନ୍ତା । ସୁସ୍ଥ ଶରୀର ଓ ସୁସ୍ଥ ମନ ଉନ୍ନତ ବିଚାରର ଜନକ ଓ ଉନ୍ନତ ବିଚାର ବିବେକର ସମର୍ଥକ । ବିବେକାନୁମୋଦିତ ଜୀବନ ହିଁ ସର୍ବୋତ୍ତମ ଫଳଦାୟୀ ଜୀବନ । ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି । ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଆବଶ୍ୟକୀୟ ମନ୍ଦିର, ମଠ, ମସଜିଦ୍ ଓ ଗୀର୍ଜା ମାନଙ୍କରେ ସଦ୍‌ଗୁରୁ, ସତ୍‌ଦୀକ୍ଷା ଓ ସତ୍‌ସଙ୍ଗର ପ୍ରଭୂତ ଆବଶ୍ୟକତା ରହିଛି । ତେବେ ଅନେକକ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି । ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ । ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ନିରାପଦ ମାତୃତ୍ୱ : ଆଜିର ଆହ୍ୱାନ

।। ଡାକ୍ତର କାନ୍ତୀ ନାୟକ ।।

ସୁରକ୍ଷିତ ଗର୍ଭଧାରଣ, ପ୍ରସବକାଳୀନ ନିରାପତ୍ତା, ଶିଶୁ ଜନ୍ମ ପରେ ମାଆର ସ୍ୱାସ୍ଥ୍ୟ ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ଏପ୍ରିଲ ୧୧ ତାରିଖ କସ୍ତୁରବା ଗାନ୍ଧୀଙ୍କ ଜନ୍ମଦିନ ଏହାକୁ ମାତୃତ୍ୱ ଦିବସ ଭାବେ ପାଳନ କରିବା ଲାଗି ଭାରତ ସରକାର ୨୦୦୩ରେ ନିଷ୍ପତ୍ତି ନେଇଥିଲେ । ଏହି ଦିବସ ପାଳନରେ ଭାରତ ବିଶ୍ୱରେ ପ୍ରଥମ ରାଷ୍ଟ୍ର ନିରାପଦ ମାତୃତ୍ୱ କହିଲେ ଉଭୟ ମାଆ ଓ ଶିଶୁର ସୁରକ୍ଷାକୁ ବୁଝାଏ । ଗର୍ଭଧାରଣ ଓ ପ୍ରସବ ବାବଦରେ ଉପଯୁକ୍ତ ଜ୍ଞାନ ହାସଲ ଏବଂ ଠିକ୍ ପଦକ୍ଷେପ ଦ୍ୱାରା ନିରାପଦ ମାତୃତ୍ୱ ଲାଭ ସମ୍ଭବ । ଏହାଦ୍ୱାରା ମାଆ ଓ ଶିଶୁ ମୃତ୍ୟୁହାର କମିବ । ସୁଷମ ଓ ପୁଷ୍ଟିକର ଆହାର ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ପ୍ରତିଷେଧକ ଟିକା ଗ୍ରହଣ, ପ୍ରସବ ସମୟରେ ତାଲିମପ୍ରାପ୍ତ ଧାତ୍ରୀଙ୍କ ସାହାଯ୍ୟ ନେବା ଉଚିତ । ଏହାଦ୍ୱାରା ମାଆ-ଶିଶୁଙ୍କ ଜୀବନ ସୁରକ୍ଷିତ ରହିବ । ଆଜିକା ସମୟରେ ମହିଳାମାନେ ନିଜ କର୍ମ ସଂସ୍ଥାନର ଦାୟିତ୍ୱ କୁହନ୍ତୁ ବା ଘର ସଂସାରର ବୋଝ, ସବୁଠି ନିଜକୁ ନିଜେ ହିଁ ଅବହେଳିତ କରୁଛନ୍ତି । ଯାହାପାଇଁ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ମହିଳାଙ୍କର ଶାରୀରିକ ଅସୁସ୍ଥତା ଦେଖାଯାଉଛି । ନିରାପଦ ମାତୃତ୍ୱ କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ହେଉଛି ଅସଚେତନତା, ଦାରିଦ୍ର୍ୟ, କୁପୋଷଣ ଓ ଅଶିକ୍ଷା । ଖୁବ୍ କମ ବୟସ ବେଳୁ ବିବାହ କରିବା ସମସ୍ୟା ଭାରତର ଅନେକ ସ୍ଥାନରେ ଦେଖିବାକୁ ମିଳୁଛି । ଅଳ୍ପ ବୟସରୁ ବିବାହ କରି ସଂସାରକୁ ନ ବୁଝିଥିବା ଝିଅଟି ଖୁବ୍ ଶୀଘ୍ର ଗର୍ଭଧାରଣ କରିବା ଦ୍ୱାରା ଏହା ଉଭୟ ମାଆ ଓ ଶିଶୁ ଉପରେ ଭୟଙ୍କର ପ୍ରଭାବ ପକାଇଥାଏ । ଅନେକ କ୍ଷେତ୍ରରେ ମାତୃ ମୃତ୍ୟୁହାରର ଏହା ବଡ଼ କାରଣ ପାଲଟିଥାଏ । କେବଳ ମାତୃ ମୃତ୍ୟୁହାର ନୁହେଁ କେତେକ କ୍ଷେତ୍ରରେ ପିଲାଟି ଜନ୍ମ ହେବାପୂର୍ବରୁ ବା ଜନ୍ମ ହେବାର କିଛି ଦିନ ପରେ ମୃତ୍ୟୁବରଣ କରିଥାଏ । ଅନେକ କ୍ଷେତ୍ରରେ ଦୁର୍ବଳିଆ ଶିଶୁ ଜନ୍ମ ନେଇ ସାରା ଜୀବନ ବିଭିନ୍ନ ରୁଗ୍‌ଣ ସମସ୍ୟାକୁ ସାମ୍ନା କରିଥାଏ । ସେହିପରି ନିରାପଦ ମାତୃତ୍ୱ କ୍ଷେତ୍ରରେ କୁପୋଷଣ ଅନ୍ୟ ଏକ ସମସ୍ୟା । ସନ୍ତାନଟି ଗର୍ଭସ୍ଥ ହେବାପରେ ସଠିକ୍ ଭାବେ ଖାଦ୍ୟ, ବିଶ୍ରାମ, ଡାକ୍ତରୀ ପରାମର୍ଶ ଓ ନିର୍ଦ୍ଦିଷ୍ଟ ଔଷଧ ଓ ଟୀକା ଗ୍ରହଣ ଜରୁରୀ । ଗର୍ଭବତୀ ମାଆଟି ପାଇଁ ତା ଶରୀର ଓ କାର୍ଯ୍ୟ ତୁଳନାରେ ପୌଷ୍ଟିକ ଓ ସୁଷମ ଖାଦ୍ୟ ତା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହିପରି ଅନେକ ସମୟରେ ଡାକ୍ତରୀ ଚିକିତ୍ସା ବା ପରାମର୍ଶ ଅପେକ୍ଷା ଘର ବଇଦ ଚିକିତ୍ସାକୁ ଆପଣାଇ ଅନେକ କ୍ଷେତ୍ରରେ ଗର୍ଭବତୀମାନେ ଗୁରୁତର ହୋଇପଡ଼ିଥାନ୍ତି ।

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଶିଶୁ କଲ୍ୟାଣ ବିଭାଗ ଏ ଦିଗଟିକୁ ଅତ୍ୟନ୍ତ ଗୁରୁତ୍ୱ ବିଚାର କରି ସରକାରୀ ଭାବେ ଗର୍ଭବତୀ ମାଆଙ୍କୁ ପ୍ରାଥମିକ ଅବସ୍ଥାରୁ ସେମାନଙ୍କ ପାଖରେ ଡାକ୍ତରୀ ପରାମର୍ଶ, ଉତ୍ତମ ସୁଷମ ଖାଦ୍ୟ ଓ ଆନୁସଙ୍ଗିକ ସହାୟତା ଯୋଗାଇ ଦିଆଯାଉଛି । ସରକାରୀ ବ୍ୟବସ୍ଥାରେ ନିକଟସ୍ଥ ଯେକୌଣସି ଡାକ୍ତରଖାନାରେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚିକିତ୍ସା ପ୍ରଦାନ କରାଯାଉଛି । ସେମାନଙ୍କର ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା, ଔଷଧପତ୍ର, ଡାକ୍ତରୀ ପରାମର୍ଶ ଓ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି ଯାହାଦ୍ୱାରା ନିରାପଦ ମାତୃତ୍ୱ ଏକ ବଡ଼ ସୁନିଶ୍ଚିତ ହୋଇପାରୁଛି । ସରକାରୀ ବ୍ୟବସ୍ଥାରେ ରାଜ୍ୟରେ ଅଗମ୍ୟ, ଉପାନ୍ତ ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭ୍ରାମ୍ୟମାଣ ଚିକିତ୍ସା ପ୍ରଦାନ କରାଯାଉଛି । ଗର୍ଭବତୀ ମାନଙ୍କ ପାଖରେ ଡାକ୍ତରୀଦଳ ଓ ପରୀକ୍ଷା ନିରୀକ୍ଷା ଟିମ୍ ଉପଲବ୍ଧ କରାଯାଉଛି । ତେବେ ଏତେ ସବୁ ଭିତରେ ମଧ କେତେକ ସ୍ଥାନରେ ନିରାପଦ ମାତୃତ୍ୱ ଅପହୃତ ହୋଇଯାଉଛି ତ କେଉଁଠି ଗର୍ଭବତୀଙ୍କ ନିକଟ ସମ୍ପର୍କୀୟ ମାନଙ୍କ ସଠିକ ତଥ୍ୟ ଅଭାବରୁ ପରିସ୍ଥିତି ଜଟିଳ ହୋଇଯାଉଛି । କେନ୍ଦ୍ର ସରକାର ମଧ କେତେକ କ୍ଷେତ୍ରରେ ନିରାପଦ ମାତୃତ୍ୱକୁ ସୁନିଶ୍ଚିତ ସୁରକ୍ଷିତ କ୍ଷେତ୍ର ଭାବେ ଅଗ୍ରାଧିକାର ଦେଇ ବିଭିନ୍ନ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ ମାଧମରେ ଅନେକ ସହାୟତା ପ୍ରଦାନ କରୁଛନ୍ତି । ଆଜି ଜାତୀୟ ନିରାପଦ ମାତୃତ୍ୱ ଦିବସ ଅବସରରେ କେବଳ ଦାୟିତ୍ୱ ସରକାର ବା ଗର୍ଭବତୀଙ୍କ ଉପରେ ଛାଡ଼ିଦେଲେ ଚଳିବ ନାହିଁ । ଆମ୍ଭ ମାନଙ୍କ ଭିତରେ ସଚେତନତା ଏ କ୍ଷେତ୍ରରେ ଅତ୍ୟନ୍ତ ଜରୁରୀ । ଜଣେ ନିଜର କେହି ନ ହେଲେ ବି ପଡ଼ୋଶୀଟିଏ ହେଉ ବା ଅପରିଚିତ ସେମାନଙ୍କୁ ସରକାରୀ ବ୍ୟବସ୍ଥାର ସମସ୍ତ ସୁବିଧା ସୁଯୋଗ ଓ ସ୍ୱାସ୍ଥ୍ୟଜନିତ ସଚେତନତା ସେମାନଙ୍କ ପାଖରେ ପହଞ୍ଚିବାର ଗୁରୁଦାୟିତ୍ୱ ନିର୍ବାହ କଲେ ନିଜକୁ ଜଣେ ସମାଜର ଯଥାର୍ଥ ଜାଗ୍ରତ ପ୍ରହାରୀ ଓ ଉପଯୁକ୍ତ ନାଗରିକ ଭାବେ ଦାୟିତ୍ୱ ନିର୍ବାହ କରିପାରିବା । ଆସନ୍ତୁ ଆଜିପରି ଏକ ସ୍ମରଣୀୟ ଦିନରେ ଏହି ଦାୟିତ୍ୱର ସହଭାଗୀତାରେ ସମସ୍ତଙ୍କୁ ସାମିଲ କରି ଏକ ସୁନ୍ଦର ଓ ଉତ୍ତମ ଶିଶୁ ଯେ କି ଆଗାମୀ ଭବିଷ୍ୟତର ପ୍ରତୀକ ଏହାକୁ ବିବେଚନା କରି ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ ବଜାୟ ରଖିପାରିବା ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ,
ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ

## ହିନ୍ଦୋଳରେ ଶାନ୍ତି ଶୃଙ୍ଖଳାରେ ବାହୁଡ଼ା ଯାତ୍ରା ସମ୍ପର୍ଣ୍ଣ



ହିନ୍ଦୋଳ, (ମହାଭାରତ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଆଜି ଶ୍ରୀଜୀଉ ମାନଙ୍କ ବାହୁଡ଼ାଯାତ୍ରା ସମ୍ପର୍ଣ୍ଣ ହୋଇଯାଇଛି । ଭୋର ୪. ୩୦ରେ ପହଡ ଭାଙ୍ଗିବାପରେ ଠାକୁରଙ୍କ ସମସ୍ତ ନୀତିକ୍ଷାତି ସମ୍ପର୍ଣ୍ଣ ହେବାପରେ ସୂର୍ଯ୍ୟପୂଜା, ଦ୍ଵାରପାଳ ପୂଜା ଇତ୍ୟାଦି ପରେ ରଥପୂଜା ହୋଇଥିଲା ଏବଂ ଶ୍ରୀଜୀଉମାନଙ୍କୁ ପହଣ୍ଡିକରି ଦିବା ୧୧ଘ ରେ ରଥାରୁଢ଼ କରାଯାଇଥିଲା । ଅପରାହ୍ନ ୩. ୩୦ରେ ରଥଟଣା ଆରମ୍ଭ ହୋଇଥିଲା । ପ୍ରଭୁ ଜଗନ୍ନାଥଙ୍କ ଆଶ୍ରିବାଦରେ ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥ, ୨ୟରେ ଦେବି ସୁଭଦ୍ରାଙ୍କ ଦର୍ପଦଳନ ରଥ ଏବଂ ସର୍ବଶେଷରେ ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପୋଡ଼ପିଠା ଖାଇବାକୁ ମାଉସୀ ଘରେ ପହଂଚି ଥିଲେ ।ଆସନ୍ତାକାଲି ପବିତ୍ର ସୁନାବେଶ ଅନୁଷ୍ଠିତ ହେବାସହ ତପ୍ପରେ ନୀଳାଦ୍ରି ବିଜେ ହେବେବୋଲି ପ୍ରଶାସନ ପକ୍ଷରୁ ଜଣାପଡିଛି । ଆଜି ବାହୁଡ଼ାଯାତ୍ରା ଶାନ୍ତି ଶୃଙ୍ଖଳା ସହିତ ସମ୍ପର୍ଣ୍ଣ ହୋଇଥିବା ବେଳେ ଉପଜିଲ୍ଲାପାଳ ପ୍ରଭାସ ବେଉରା, ତହସିଲଦାର ଦିଲୀପ ସେଠି, ଏସଡିପିଓ ସତ୍ୟ କୁମାର ନନ୍ଦ, ସୂଚନା ପ୍ରସାରଣ ଅଧିକାରୀ ବିଶ୍ଵଜିତ ରାଉତ ପ୍ରମୁଖ ଉପସ୍ଥିତ ରହି ଦାୟିତ୍ଵ ସମ୍ପର୍ଣ୍ଣ କରିଥିଲେ ।

## ଜିଲ୍ଲାସ୍ତରୀୟ ବ୍ୟାଟମିଟନ ପ୍ରତିଯୋଗିତାରେ ଆସିକାର ଦୁଇ ଖେଳାଳି



ଆସିକା, (ମହାଭାରତ) : ବ୍ୟାଟମିଟନ ଆସୋସିଏସନ ଗଞ୍ଜାମ ପକ୍ଷରୁ ଜିଲ୍ଲା ସ୍ତରୀୟ ବ୍ୟାଟମିଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଉକ୍ତ ପ୍ରତିଯୋଗିତାରେ ଆସିକା ଇଣ୍ଡୋର ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ଦୁଇ ଖେଳାଳି କୃତିତ୍ୱ ହାସଲ କରିଛନ୍ତି । ବାଳକ ବିଭାଗରେ ଅଣ୍ଡର ଫିଫଟିନ ସ୍ତରରେ ଆସିକାର ଦାସୁ ସାଇ ହେମନ୍ତ ଓ ବାଳିକା ବିଭାଗରେ ପ୍ରସିଦ୍ଧି ପ୍ରିୟା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଆସିକାର ଏହି ଦୁଇଜଣ କୃତି ଛାତ୍ରଛାତ୍ରୀଙ୍କ ଏହି ଯାତ୍ରାକୁ ନେଇ ଜିଲ୍ଲା ଓ ରାଜ୍ୟ ସ୍ତରରେ ଚର୍ଚ୍ଚା ଜୋର ଧରିଛି । ଖେଳୁଆଡ଼ ମନୋଭାବ ନେଇ ବ୍ୟାଟମି[ନ ଖେଳୁଥିବା ଏହି ଦୁଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିଛନ୍ତି ପ୍ରଶିକ୍ଷିକ ଚନ୍ଦନ କୁମାର ବେହେରା । ଖେଳ ଶେଷରେ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ବିକ୍ରମ ପଣ୍ଡା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗଞ୍ଜାମ ବ୍ୟାଟମି[ନ ଆସୋସିଏସନ ସମ୍ପାଦକ କେଶବ ପ୍ରଧାନ, ମିତେନ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ । ଏହି କୃତିତ୍ୱକୁ ନେଇ ଆସିକା ଅ*ଳର ଅଭିଜ୍ଞ କ୍ରୀଡ଼ାବିତ ସାଗର କୁମାର ସାବତ, ପ୍ରଶାନ୍ତ କୁମାର ମୁନି,ରଂଜିତ ପାତ୍ର,ବାବୁ ଗୌଡ଼ ରବୀନ୍ଦ୍ର କୁମାର ସେଠି, ଆର ଚିଦାନନ୍ଦ ଆଚାରୀ, ଅରୁଣ ଗୁପ୍ତା, ସଂଜୀବ ସୁବୁଦ୍ଧି, ଝୁଲୁ ପଣ୍ଡା, ପବିତ୍ର କୁମାର ଡାକୁଆ, ସି ଏଚ ବାଲାଜୀ ରେଡ଼ି, ରାଜୀବ ରେଡ଼ି, ସୂର୍ଯ୍ୟ ନାରାୟଣ ଶତପଥି,ସଂସ୍କୃତି ପ୍ରେମୀ ରତ୍ନାକର ଶିୟ, ଅନିଲ ପାଣିଗ୍ରାହୀ, କମେଳେନ୍ଦୁ ହୋତା ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ ।

## ରଥ ଯାତ୍ରାରେ ଖାଦ୍ୟର ମାନ ଯାଂଚ କରାଯିବ କେବେ ?



ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ରେ ରଥ ଯାତ୍ରା ଚାଲିଛି । ପୁର ପଲ୍ହି ରୁ ଭକ୍ତ ଙ୍କ ସୁଅ ଛୁଟୁଛି । ସକାଳ ଓ ସନ୍ଧ୍ୟା ରେ ଯାତ୍ରା ଦେଖିବା ସହ ଠାକୁର୍ ଦର୍ଶନ କରି ଥାଆନ୍ତି, ଓ ଗୁପଚୁପ, ଚାଟ, ଫାଷ୍ଟ ଫୁଡ୍ , ଟିଫିନ୍,ଆଦି ଖାଇଥାନ୍ତି, କିନ୍ତୁ ପ୍ରତି ଦିନ ଖାଦ୍ୟ ଯାଂଚ କରିବା କଥା କିନ୍ତୁ କରା ହୁଏନାହିଁ । ବର୍ତମାନ୍ ଓଡ଼ିଶାର ବିଭିନ୍ନ ଜିଲ୍ଲା ରେ ଡ । ଇ ରୀ ଆ ଲାଗି ରହି ଥିବା ବେଳ ବର୍ତମାନ୍ ସହର ରେ ସୁସ୍ଥ ପରିବେଶ ,ବିଶୁଦ୍ଧ ପାନୀୟ ଜଳ ଓ ଖାଦ୍ୟ ର ମାନ ଯାଂଚ ହେବା ଆବଶ୍ୟକ ତା ରହିଛି ଓ ଲୋକଙ୍କୁ ସଚେତନତା ସହ ଖାଦ୍ୟ ର ମନ୍ ଯାଂଚ କରିବା ଆବଶ୍ୟକ ରହିଛି ବୋଲି ସାଧାରଣ ରେ ମତ ପ୍ରକାଶ ପାଉ ଛି । ଖାଦ୍ୟ ନିରକ୍ଷ କ ଯାତ୍ରାରେ ବିଭିନ୍ନ ମିଷ୍ଟାନ୍ନ ଦୋକାନ ସହ ବିଭିନ୍ନ ହୋଟେଲ ରେଷ୍ଟ୍ରରେଟ ଗୁଡ଼ିକୁ ଯାଂଚ କରିବା ଆବଶ୍ୟକ ରହିଛି । ସେହି ଭଳି ଘୋରେଇ ଗ୍ୟାସ ଶିଲଣ୍ଡର ବହୁଳ ବେବ୍ୟ ହାର କରାଯାଉଛି ଏଥି ପ୍ରତି ଯୋଗାଣ ବିଭାଗ ସବୁ ଜାଣି ଚୁପ୍ ବସିଛି । ସେହି ଭଳି ମାପ ଓଜନ ବିଭାଗ ମଧ ଯା* କରିବା ଆବଶ୍ୟକ ରହିଛି ବୋଲି ବୁଦ୍ଧି ଯିବି ମହଲରେ ପ୍ରକାଶ ପାଉଛି ।

### କିଏ କହୁଛି ସତ ? ପୋଲିସ ନା ପୀଡିତା !

## ସିସି କ୍ୟାମେରା ଯାଂଚ କରି କଡା କାର୍ଯ୍ୟାନୁଷ୍ଠାନ ପାଇଁ ଯୁବ ମୋର୍ଚ୍ଚାର ଦାବୀ

କାକଟପୁର୫/୭ମହାଭାରତ – ଗତ ୩ ତାରିଖ ଗୁରୁବାର ଦିନ କାକଟପୁର ଥାନା ରେ ଓଥକା ଗ୍ରାମ ପ୍ରଧାନସାହି ର ଜଣେ ବାଳିକା ନିଜ ସମ୍ପର୍କୀୟ ଭାଇ ର ଅସଦାଚରଣ ବିରୁଦ୍ଧରେ ଏକ ଏତଲା ନେଇ ନି,ଜ ବଡ଼ ଭଉଣୀ, ଭାଇ ଓ ମା ଙ୍କ ସହିତ ପହଂଚିଥିଲେ, ସେଠି ଏତଲା ଦେବା ପରେ ଯୁବତୀ ଙ୍କ  ବଡ଼ ଭାଇ ନିଜ ମୋବାଇଲ କ୍ୟାମେରା ରେ ଭିଡ଼ିଓ କରୁଥିଲେ, ଏହି ସମୟ ରେ ଉପସ୍ଥିତ ମହିଳା ପୋଲିସ ଅଧିକାରୀ ଙ୍କ ଉପସ୍ଥିତ ରେ ଜଣେ ମହିଳା କନେଷ୍ଟବଳ ଯୁବତୀ ଙ୍କ ଭାଇ ନିକଟରୁ ମୋବାଇଲ ଛଡ଼େଇବା ସହ ଯୁବତୀ ଙ୍କ ପରିବାର ଲୋକ ଙ୍କୁ ମାଡ଼ ମାରି ଧମକ ଚମକ ଦେଇଥିଲେ ଆଉ ଏହି ପ୍ରସଙ୍ଗ ରେ ଗଣମାଧ୍ୟମ ସାମ୍ନା ରେ ଯୁବତୀ ଅଭିଯୋଗ ଆଣିଥିଲେ ମାତ୍ର ଏହି ଘଟଣା କୁ କାକଟପୁର ପୋଲିସ ସମ୍ପୂର୍ଣ୍ଣ ଖଣ୍ଡନ କରିବା ସହ ଏହା ମିଥ୍ୟା ବୋଲି କହିଥିଲେ, ନିମାପଡା ଏସ ଡି ପି ଓ ଜନାର୍ଦ୍ଦନ ପାଢ଼ୀ ଏହି ପ୍ରସଙ୍ଗ ରେ ଆଗକୁ



ତଦନ୍ତ କରାଯାଇ ପ୍ରକୃତ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିଜ ମତାମତ ରଖିଥିଲେ,ଯେଉଁ ପର୍ଯ୍ୟନ୍ତ ଘଟଣା ର ତଦନ୍ତ ନହେଇଛି ସେଇ ପର୍ଯ୍ୟନ୍ତ ପ୍ରକୃତ ସତ୍ୟ ସାମ୍ନା କୁ ବି ଆସିବା ଅସମ୍ଭବ, ଏହି ଘଟଣା କୁ ନେଇ ଗଣମାଧ୍ୟମ ରେ ଖବର ପ୍ରକାଶ ହେବା ପରେ ଆଜି ପୁରୀ ଓ କାକଟପୁର ବିଜେପି ଯୁବ ମୋର୍ଚ୍ଚା ର ଏକ ସ୍ୱତନ୍ତ୍ର ଟିମ୍ କାକଟପୁର ଥାନା ରେ ଏକ ଲିଖିତ ଅଭିଯୋଗ କରିଛନ୍ତି, ଅଭିଯୋଗ ମୁତାବକ ଯୁବତୀ ଆଣିଥିବା ଅଭିଯୋଗ କେତେ ସତ ? ସିସି କ୍ୟାମେରା ଯା* କରି ଘଟଣା ର ସତ୍ୟାସତ୍ୟ ସାମ୍ନା କୁ ଆଣିବା ସହ ପ୍ରକୃତ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବୀ କରୁଛି ବିଜେପି ଯୁବ ମୋର୍ଚ୍ଚା, ଏହି ପ୍ରସଙ୍ଗ ରେ ଆଜି ଥାନା ଦାୟିତ୍ୱ ରେ ଥିବା ଅଧିକାରୀ ଗୌରୀ ଶଙ୍କର ସେଠି ଯୁବ ମୋର୍ଚ୍ଚା ର ଏତଲା ଗ୍ରହଣ କରିବା ସହ ନୀଳାଦ୍ରି ବିଜେ ପରେ ସିସି କ୍ୟାମେରା ଯା* କରାଯାଇ ସମ୍ପୂର୍ଣ୍ଣ ଘଟଣା କୁ ସାମ୍ନା ଅଣାଯିବ ବୋଲି ପ୍ରତିଶୃତି ଦେଇଛନ୍ତି କିନ୍ତୁ ଅନ୍ୟ ପକ୍ଷ ରେ ଯୁବତୀ ଙ୍କ ଦାବୀ ଆମେ ଉପସ୍ଥିତ ଥିବା ସମୟ ରେ ଆମକୁ ପୋଲିସ ମାରିବା ସହ ଧମକ ଦେଇଛି ଆଉ ସିସି କ୍ୟାମେରା ଯା* କରି ବାସ୍ତବ ସତ୍ୟ ସାମ୍ନା କୁ ଅଣାଯାଉ ବୋଲି ନିଜ ପ୍ରତିକ୍ରିୟା ରଖିଛନ୍ତି, ଏବେ ସିସି କ୍ୟାମେରା ଫୁଟେଜ କହିବ ପ୍ରକୃତ ଦୋଷୀ କିଏ, ପ୍ରକୃତ ରେ ପୋଲିସ ମିଛ କହୁଛି ନା ଯୁବତୀ !

## ବାହୁଡ଼ା ଯାତ୍ରା ଉପଲକ୍ଷେ 'ଗ୍ରୀନ ପାରାଦୀପ ଟ୍ରଷ୍ଟ' ଓ 'ପାରାଦୀପ ସାମ୍ବାଦିକଙ୍କ ପକ୍ଷରୁ ଶ୍ରଦ୍ଧାଳୁ ମାନଙ୍କୁ ମୃଦୁ ପାନୀୟ ଓ ଚାରା ବଂଟନ



ପାରାଦୀପ, (ମହଭାରତ) : ଜଗତର ନାଥ ଜଗନ୍ନାଥ ବଡ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସାଥିରେ ନେଇ ମାଉସୀ ମା ଘରେ ଆଠଦିନର ରହଣି ପରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳ ହୁଳି ,ନାମ ସଙ୍କୀର୍ତନରେ ଶନିବାର ବଡ ଦେଉଳ (ମନ୍ଦିର) କୁ ବାହୁଡ଼ିଛନ୍ତି ।ଏହି ବାହୁଡ଼ା ଯାତ୍ରା ଅବସରରେ 'ଗ୍ରୀନ ପାରାଦୀପ ଟ୍ରଷ୍ଟ' ର ସଦସ୍ୟ ଓ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ତରଫରୁ ଗାନ୍ଧୀ ଛକ ଏଡିଏମ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରଦ୍ଧାଳୁ ମାନଙ୍କୁ ବୃକ୍ଷ ଚାରା ସମେତ ମୃଦୁ ପାନୀୟ ବଂଟନ କରାଯାଇଥିଲା । ସୂଚନା ଥାଉ କି, ପବିତ୍ର ରଥଯାତ୍ରା ଦିନ ମଧ୍ୟ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଷ୍ଟଲରେ ମୃଦୁ ପାନୀୟ ଓ ଚାରା ବଂଟନ କରାଯାଇଥିଲା । ଗ୍ରୀନ ପାରାଦୀପ ଟ୍ରଷ୍ଟ ର ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଟ୍ରଷ୍ଟର ସଦସ୍ୟ ତଥା ସାମ୍ବାଦିକ ଶୁକଦେବ ଜେନା,ଶଶାଙ୍କ ଆଚାର୍ଯ୍ୟ,ରବୀନ୍ଦ୍ର କୁମାର ଜେନା,ସୁଧାଂଶୁ ନାୟକ, ପ୍ରୀତି ରଞ୍ଜନ ମହାପାତ୍ର, ପ୍ରଶାନ୍ତ ସ୍ୱାଇଁ, ପ୍ରଭାକର ସାହୁ, ସଞ୍ଜୟ ରାଉତ, ତ୍ରିଲୋଚନ ମହାପାତ୍ର, ବିବେକାନନ୍ଦ ରାଉତ, ପ୍ରଭାସ ଦାସ,ସନ୍ତୋଷ ଭାରତୀ, ବିରଜା ତ୍ରିପାଠି, ଗୌରାଙ୍ଗ ଚରଣ ଜେନା, ପ୍ରଶାନ୍ତ ରାଉତ, ସୁଦର୍ଶନ ବିଶ୍ୱାଳ, ଅବଦୁଲ ଆବିଦ୍ ଖାଁ, ଅଜିତ ଦାସ, ବିରଜା ସେଠୀ, ନାରାୟଣ ବେହେରାଙ୍କ ସମେତ ଟ୍ରଷ୍ଟ ର କର୍ମକର୍ତା ଓ ସଦସ୍ୟ ବୃନ୍ଦ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ ।

## ବିଧାୟକଙ୍କ ପରିବେଶ ଚିନ୍ତା



ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଖମାରସାହି ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ସପ୍ତାହ ପାଳନ ହୋଇଯାଇଛି । ଏ ଅବସରରେ ଦଶପଲ୍ଲା ବିଧାୟକ ରମେଶ ବେହେରା ଉପସ୍ଥିତ ରହି ଗଛ ଲଗାଇ ଏ ବନ ମହୋତ୍ସବ ପାଳନ କରିଛନ୍ତି । ତେବେ ବିଧାୟକ ଙ୍କୁ ପରିବେଶ ଚିନ୍ତା ଘାରିଛି ବୋଲି ଆଲୋଚନା ହେଉଛି । କାରଣ ଗଛ ରହିଲେ ପ୍ରାକୃତିକ ପରିବେଶ ସଠିକ ରହିବ ଓ ଦେହ ସୁସ୍ଥ ରହିବା ସହିତ ରାଜନୈତିକ ପାଣିପାଗ ପାଇଁ ନିଜକୁ ଫିଟ ରଖିପାରିବେ । ଅମ୍ଳଜାନ ଦେହ ପାଇଁ ଯେତିକି ଆବଶ୍ୟକତା ଯେପରି ରହିଛି ରାଜନୀତି ପାଇଁ ଲୋକ ଦେଖାଣିଆ କାର୍ଯ୍ୟକ୍ରମ ନିହାତି ଦରକାର । ବିରୋଧୀ ଦେଖିବେ ବିଧାୟକ ସବୁବେଳେ ଫିଟ ଅଛନ୍ତି ଓ ଜନସାଧାରଣ ଙ୍କ ହିତରେ ଅଛନ୍ତି । ତେବେ ଦେଖାଯାଉ ଆଗାମୀ ଦିନରେ ଦଶପଲ୍ଲା ରାଜନୀତି ପାଣିପାଗ କେଉଁ ଆଡ଼କୁ ଗତି କରୁଛି ତାହା ଦେଖିବାକୁ ବାକି ରହିଲା ।

## ସାରଳା ସୂତାକଳ ସ୍ଥାନରେ ଯୁଗୋପଯୋଗୀ ଶିଳ୍ପ ପ୍ରତିଷ୍ଠା ପାଇଁ ଅଂଟାଭିଡ଼ିଲେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ

ପାରାଦୀପ, (ମହାଭାରତ) : ଜଗତସିଂହପୁର ଜିଲ୍ଲାର ଲୋକଙ୍କ ପାଇଁ ପ୍ରମୁଖ ବିକାଶ ସ୍ୱରୂପ ତିର୍ତୋଲର ବନ୍ଦ ହୋଇ ପଡ଼ିଥିବା ସାରଳା ସୂତାକଳ ସ୍ଥାନରେ ଏକ ଆଧୁନିକ, ଶ୍ରମିକ କୈନ୍ଦ୍ରିକ ବୟନ ଓ ପୋଷାକ ଶିଳ୍ପ କ୍ଲଷ୍ଟର ପ୍ରତିଷ୍ଠା ପାଇଁ ଅଂଟା ଭିଡ଼ିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ । ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ବନ୍ଦ ହୋଇ ରହିଥିବା ସାରଳା ସୂତାକଳ ସ୍ଥାନରେ ଯୁଗୋପଯୋଗୀ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଏକ ଐତିହାସିକ ନିଷ୍ପତି ଗ୍ରହଣ କରିଛନ୍ତି । ଆଜି ଶିଳ୍ପ ମନ୍ତ୍ରୀଙ୍କ ସାରଳା ସୂତାକଳ ପରିସର ଗସ୍ତ କରି ସ୍ଥାନୀୟ ଲୋକ ଏବଂ ଜିଲ୍ଲାର ଶିଳ୍ପ ପର୍ଯ୍ୟବେକ୍ଷକଙ୍କ ମଧ୍ୟରେ ନୂତନ ଆଶା ଜାଗ୍ରତ କରିଛି, ଯାହା ତିର୍ତୋଲ ଅଂଚଳରେ ଶିଳ୍ପ ଅଭିବୃଦ୍ଧି ପାଇଁ ଥିବା ସମ୍ଭାବନା ଆଡକୁ ଏକ ନୂତନ ସଙ୍କେତ ଦେଇଛି । ଚଳିତ ବର୍ଷ ଜିଲ୍ଲା ମହୋତ୍ସବ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିର୍ତୋଲ ଠାରେ ଅବସ୍ଥିତ ସାରଳା ସୂତାକଳ ସ୍ଥାନରେ ଯୁଗୋପଯୋଗୀ ଶିଳ୍ପ ସ୍ଥାପନ କରିବା ନିମନ୍ତେ ପ୍ରତିଶୃତି ଦେଇଥିଲେ । ସେହି ପ୍ରତିଶୃତିକୁ ରକ୍ଷା କରି ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳ ଶିଳ୍ପ ମନ୍ତ୍ରୀଙ୍କ ନେତୃତ୍ୱରେ ଆଜି ସାରଳା ସୂତାକଳ ପରିଦର୍ଶନରେ ଆସିଛନ୍ତି । ଜଗତସିଂହପୁର ଜିଲ୍ଲା ର ତିର୍ତୋଲ ଠାରେ ଅବସ୍ଥିତ ସାରଳା ସୂତାକଳ ଏକଦା ଉପକୂଳ ଓଡ଼ିଶାର ଏକ ପ୍ରମୁଖ ଶିଳ୍ପ ୟୁନିଟ୍ ଥିଲା । ଏହା ୨୪ ଏପ୍ରିଲ ୧୯୮୧ରେ ପ୍ରତିଷ୍ଠା ହୋଇ କାର୍ଯ୍ୟ ଆରମ୍ଭ କରିଥିଲା ଏବଂ ୧୩୮୬ ଜଣଙ୍କୁ ସିଧାସଳଖ ନିଯୁକ୍ତି ପ୍ରଦାନ କରିଥିଲା । ୧୯୮୦ ଦଶକର ପ୍ରାରମ୍ଭରେ ଏହା ଜଗତ୍ସିଂହପୁର ଜିଲ୍ଲାର



ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଭାବରେ ନିଜର ଉପସ୍ଥିତି ଜାହିର କରିପାରିଥିଲା । ତଥାପି, ବିଭିନ୍ନ କାରଣ ଯୋଗୁଁ ଏହି ସୂତାକଳ ୨୯ ଅକ୍ଟୋବର ୧୯୯୯ରେ ବନ୍ଦ ହୋଇଗଲା । ସେବେଠାରୁ, ଏହି ବିଶାଳ ସୂତାକଳ କମ୍ପ୍ଲେକ୍ସ ପରିତ୍ୟକ୍ତ ହୋଇ ପଡିରହିଛି । ଏହାର ଯନ୍ତ୍ରପାତି କଳଙ୍କି ଲାଗି ନଷ୍ଟ ହୋଇ ସାରିଲାଣି । ସୂତାକଳ ପରିସର ସରକାରୀ ଅବହେଳା ଯୋଗୁଁ ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି । ତିର୍ତୋଲ ନିକଟବର୍ତୀ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀର ଜଣେ ବାସିନ୍ଦା ଭାବରେ ସମ୍ପଦ ସ୍ୱାଇଁ, ଏକଦା ଏହି ବ୍ୟସ୍ତବହୁଳ ସୂତାକଳ ସହିତ ଜଡିତ ତାଙ୍କର ପିଲାଦିନର ଅନେକ ସ୍ମୃତିକୁ ମନେପକାନ୍ତି । ସେ ଓଡ଼ିଶାର ଶିଳ୍ପ ମନ୍ତ୍ରଣାଳୟର ଦାୟିତ୍ୱ ପାଇବା ପରେ ସାରଳା ସୂତାକଳ ଠାରେ ନୂତନ ଯୁଗୋପଯୋଗୀ ଶିଳ୍ପ ପ୍ରତିଷ୍ଠା ପାଇଁ ନିଜର ପ୍ରୟାସ ଜାରି ରଖିଛନ୍ତି ବୋଲି ଜଣାଇଛନ୍ତି । ଏହି ଅଂଚଳରେ ଦୀର୍ଘସ୍ଥାୟୀ ଦୃଷ୍ଟିକୋଣ ରଖି କାର୍ଯ୍ୟ କରିବାକୁ ସେ ଗୁରୁତ୍ୱ ଦେଉଛନ୍ତି । ଉତ୍କର୍ଷ ଓଡ଼ିଶା କନକ୍ଲେଭ ୨୦୨୫ ସମୟରେ, ଶିଳ୍ପ ମନ୍ତ୍ରୀ ଓଡ଼ିଶାରେ ନିବେଶ ସୁଯୋଗ ଅନୁସନ୍ଧାନ କରିବା ପାଇଁ ବୟନ ଏବଂ ପୋଷାକ ପ୍ରସ୍ତୁତି କ୍ଷେତ୍ରରେ ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ କମ୍ପାନୀଙ୍କୁ ଆହ୍ୱାନ କରିଥିଲେ । ସେହି ଜାତୀୟ ଏବଂ ଅନ୍ତର୍ଜାତୀୟ କମ୍ପାନୀଙ୍କ ଦ୍ୱାରା ଉପସ୍ଥାପିତ ବିଭିନ୍ନ ପ୍ରସ୍ତାବ ମଧ୍ୟରେ ମନ୍ତ୍ରୀ, ସାରଳା ସୂତାକଳ ସ୍ଥାନକୁ ବିଶେଷ ଭାବରେ ଗୁରୁତ୍ୱ ଦେଇଥିଲେ । ସୂତାକଳର ଅବସ୍ଥିତି, ବିଦ୍ୟମାନ ଭିତିଭୂମି ଏବଂ ସ୍ଥାନୀୟ ଦକ୍ଷ ଶ୍ରମଶକ୍ତି ଭଳି ପ୍ରମୁଖ ସୁବିଧା ସବୁକୁ କମ୍ପାନୀ ଗୁଡିକ ଆଗରେ ସେ ଉଲ୍ଲେଖ କରିଥିଲେ ।ପରିଣତ ସ୍ୱରୂପ ଅନେକ ବୟନଶିଳ୍ପ ଏବଂ ପୋଷାକ କମ୍ପାନୀ ଆଗ୍ରହ ଦେଖାଇ ପୁରୁଣା ସାରଳା ସୂତାକଳ ପରିସରକୁ ପରିଦର୍ଶନ କରିଥିଲେ । ବିଭିନ୍ନ ସମ୍ଭାବନା ଦ୍ୱାରା ପ୍ରଭାବିତ ହୋଇ ସାରଳା ସୂତାକଳ ପରିସରରେ ଯୁଗୋପଯୋଗୀ, ପରିବେଶ ଅନୁକୂଳ ଏବଂ ଶ୍ରମିକ କୈନ୍ଦ୍ରିକ ବୟନଶିଳ୍ପ ଉତ୍ପାଦନ ୟୁନିଟ୍ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ କମ୍ପାନୀ ଗୁଡିକ ପ୍ରସ୍ତାବ ଦାଖଲ କରିଛନ୍ତି ।

ସେହି ମହତ ଉଦେଶ୍ୟ ନେଇ ଆଜି ମନ୍ତ୍ରୀ ଶ୍ରୀ ସ୍ୱାଇଁ, ଜଗତ୍ସିଂହପୁର କଲେକ୍ଟର ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହିତ ସାରଳା ସୂତାକଳ ପରିସରକୁ ପରିଦର୍ଶନ କରି ଏହାର ବାସ୍ତବ ଚିତ୍ର ମୂଲ୍ୟାଙ୍କନ କରିବା ସହ ବିଭିନ୍ନ ଆନୁସାଙ୍ଗିକ ବିଷୟରେ ଆଲୋଚନା କରିଛନ୍ତି । ମନ୍ତ୍ରୀଙ୍କ ଏହି ଗସ୍ତ ଶିଳ୍ପ ବିକାଶ ହୋଇନଥିବା ଅଂଚଳ ଗୁଡ଼ିକୁ ଶିଳ୍ପ ଆଣିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାର ଏକ ଦୃଢ଼ ବାର୍ତା ଭାବରେ ଦେଖାଯାଉଛି । ସାରଳା ସୂତାକଳ ପୂର୍ବରୁ ଜଗତସିଂପୁର ଜିଲ୍ଲାର ହଜାର ହଜାର ଲୋକଙ୍କ ପାଇଁ ଗର୍ବ ଏବଂ ଜୀବିକାର ପ୍ରତୀକ ଥିଲା । ମୁଁ ସେହି ଗର୍ବକୁ ଫେରାଇ ଆଣିବା ପାଇଁ ପ୍ରତିବଦ୍ଧ ବୋଲି ସମ୍ପଦ ଗଣମାଧ୍ୟମ ଆଗରେ ପ୍ରକଶ କରିଛନ୍ତି । ଆମେ ଏଠାରେ ଏକ ଆଧୁନିକ ବୟନଶିଳ୍ପ ହବ୍ ପ୍ରତିଷ୍ଠା କରିବା ପାଇଁ ସମସ୍ତ ବିକଳ୍ପ ଅନୁସନ୍ଧାନ କରୁଛୁ ଯାହା ନିଯୁକ୍ତି ସୃଷ୍ଟି କରିବ ଏବଂ ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବ ବୋଲି ମନ୍ତ୍ରୀ ଏହି ଅବସରରେ କହିଛନ୍ତି । ବିଗତ ୨୬ ବର୍ଷ ମଧ୍ୟରେ ସାରଳା ସୂତାକଳ ପାଇଁ କୌଣସି ଦଳ ବା ରାଜନୈତିକ ନେତା କେବେ ବି ପ୍ରୟାସ କରିନାହାଁନ୍ତି । ବିଜେଡି ହେଉ କି କଂଗ୍ରେସ ସାରଳା ସୂତାକଳ ବର୍ଷ ବର୍ଷ ଧରି ସରକାରୀ ଉଦାସୀନତା ଏବଂ ଭଙ୍ଗ ପ୍ରତିଶ୍ରୁତିର ପ୍ରତୀକ ପାଲଟି ସାରିଥିଲା । ତେଣୁ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଏହି ପଦକ୍ଷେପକୁ ଏକ ଦୀର୍ଘ ସମୟ ଧରି ପ୍ରତୀକ୍ଷିତ ପଦକ୍ଷେପ ଭାବରେ ଦେଖାଯାଉଛି । ଜଗତସିଂହପୁର ଜିଲ୍ଲାବାସୀ, ଯୁବପିଢ଼ି ଏବଂ ବୁଦ୍ଧିଜୀବୀମାନେ ଏହାକୁ ହୃଦୟର ସହିତ ସ୍ୱାଗତ କରିଛନ୍ତି । ସାରଳା ସୂତାକଳ ସ୍ଥାନରେ ଯୁଗପୋଯୋଗୀ ଶିଳ୍ପ ପ୍ରତିଷ୍ଠା, ସ୍ଥାନୀୟ ଯୁବବର୍ଗ ଏବଂ ଅଂଚଳବାସୀଙ୍କ ମନରେ ଆନନ୍ଦ ଏବଂ ଆଶାର ଲହରୀ ଆଣିଦେଇଛି । ପ୍ରାରମ୍ଭିକ ଭତିଭୂମି କାର୍ଯ୍ୟ ସମାପ୍ତ ହେବା ପରେ, ବଡ଼ ଧରଣର ନିବେଶକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ତେକନ୍ଦ୍ର ଏବଂ ରାଜ୍ୟ ଯୋଜନା ଅଧୀନରେ ଏହି ସ୍ଥାନକୁ ବୟନଶିଳ୍ପ ଏବଂ ପୋଷାକ କ୍ଲଷ୍ଟର ଭାବରେ ପ୍ରଦାନ କରାଯିବାର ସମ୍ଭାବନା ରହିଛି ।

## ବାପା ମା ଛେଉଣ୍ଡ ଶିଶୁ ମାନଙ୍କ ସର୍ବେକ୍ଷଣ ପାଇଁ ତାଲିମ କର୍ମଶାଳା

ଦେବଗଡ଼(ମହା ଭାରତ)ଆଜି ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ନିର୍ଦ୍ଦେଶ କ୍ରମେ , ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ କାର୍ଯ୍ୟାଳୟ ସଭା କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତତ୍ତ୍ୱାବଧାନ ଓ ଅବାହକ୍ରେ ତଥା ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ପିତୃମାତୃହୀନ ଶିଶୁମାନଙ୍କ ସର୍ବେକ୍ଷଣ ପାଇଁ ଏକ ତାଲିମ କର୍ମଶାଳା ଆୟୋଜିତ ହୋଇଛ। ବିଭାଗୀୟ ସୂଚନା ଅନୁଯାଇ ଆସନ୍ତା ମାସରେ ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ପିତୃମାତୃହୀନ ତଥା ଏକକ ଅଭିଭାବକ ଥିବା ଶିଶୁଙ୍କ ଚିହ୍ନଟିକରଣ ପାଇଁ ସର୍ବେକ୍ଷଣ କରାଯିବ ଓ ମହିଳା ଓ ଶିଶୁ ବିକାଶ ବିଭାଗ ମାର୍ଗଦର୍ଶୀକଓ ଅନୁଯାଇ ଜୁଲାଇ ୧୧ ରୁ ୨୧ ତାରିଖ ମଧ୍ୟରେ ଅଙ୍ଗନବାଡିକର୍ମୀମାନେ ଘରକୁ ଘର ଯାଇ ଏହି ସର୍ବେକ୍ଷଣ କାର୍ଯ୍ୟ କରିବେ ।ଏହି ସର୍ବେକ୍ଷଣ ମାଧ୍ୟମରେ ଜିଲ୍ଲାର ପ୍ରତ୍ୟେକ ପିତୃମାତୃହୀନ ଓ ଏକକ ଅଭିଭାବକ ଥିବା ଶିଶୁମାନଙ୍କୁ ଚିହ୍ନଟ କରି ସରକାରଙ୍କ ବିଭିନ୍ନ ଯୋଜନା ସହିତ ସାମିଲ କରି ଥଇଥାନ କରାଯିବ ଓ ଏକକ ଅଭିଭାବକ ଶିଶୁଙ୍କ କ୍ଷେତ୍ରରେ ଯେଉଁ ଶିଶୁମାନଙ୍କ ପିତାଙ୍କ ମୃତ୍ୟୁ ହୋଇଥିବ କିମ୍ବା ମାଙ୍କ ମୃତ୍ୟୁ କ୍ଷେତ୍ରରେ ଜୀବିତ ଥିବା ପିତା ଯଦି ୪୦% ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହୋଇଥିବେ କିମ୍ବା କୌଣସି ମାରାତ୍ମକ ବ୍ୟାଧିଗ୍ରସ୍ତ ହୋଇଥିବେ ତେବେ ସେହି ଶିଶୁମାନଙ୍କୁ ଏହି ଚିହ୍ନଟିକରଣର ପରିଷରଭୁକ୍ତ କରାଯିବ ଓ ୧/୦୬/୨୦୨୫ ସୁଦ୍ଧା ୧୮ବର୍ଷ ହୋଇନଥିବା ଏହି ବର୍ଗର ପ୍ରତ୍ୟେକ ଶିଶୁଙ୍କୁ ଏହି ସର୍ବେକ୍ଷଣ ପ୍ରକ୍ରିୟାରେ ସାମିଲ କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର ସୂଚନା ଦେଇଛନ୍ତି ଓଆଜିର ତାଲିମ କର୍ମଶାଳାରେ ରିଆମଓଳ , ବଓରକୋଟ ଓ ତିଳେଇବଣୀର ସିଡିପିଓ ସୁପ୍ରଭଓ ମିଶ୍ର , ଲିଲି ପ୍ରଧାନ ଓ ବନ୍ଦିତା ରାଉତରାୟଙ୍କ ସମେତ ସମସ୍ତ ଆଇସିଡିଏସ ସୁପରଭାଇଜର , ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ହେଲ୍ପଲାଇନର କର୍ମଚାରୀ ଯୋଗ ଦେଇଥିଲେ ଓକର୍ମଶାଳାକୁ ପରିଚାଳନା କରିଥିଲେ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ , କ୍ରାନ୍ତି ମଞ୍ଜରି ଧୌନଳିଆ , ପ୍ରମୋଦ ପୂଜାରୀ ଓ ଗୀୟଉରବ ଚନ୍ଦ୍ର ବେହେରା।

## ବାହୁଡାରେ ମନ୍ଦିରକୁ ଫେରିଲେ ସାକ୍ଷୀ ଗୋପିନାଥ



ସମ୍ବଲପୁର: ସମ୍ବଲପୁରର ସର୍ବପୁରାତନ ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟୀର ବଂ ବଂ ବରାଡ ବାଲୁଙ୍କେଶ୍ୱର ଓ ଜଗତଜନନୀ ମାତା ପାର୍ବତୀଙ୍କର ଲୌକିକ ବିବାହ ପାଇଁ ସାକ୍ଷୀପଡ଼ା ସ୍ଥିତ ଭଗବାନ ବିଷ୍ଣୁଙ୍କ ଅନ୍ୟତମ ଅବତାର ଶ୍ରୀ ଶ୍ରୀ ସାକ୍ଷୀଗୋପିନାଥଙ୍କ ସାକ୍ଷୀ ରୂପେ ରହିବାର ପରମ୍ପରା ଆରମ୍ଭରୁ ହିଁ ରହି ଆସିଛି।ଏଣୁ ଦେବ ବିବାହ ପୂର୍ବରୁ ଶ୍ରୀ ଶ୍ରୀ ସାକ୍ଷୀଗୋପିନାଥ ନନ୍ଦପଡ଼ାର ବାଲୁଙ୍କେଶ୍ୱର ମନ୍ଦିରରେ ଅବସ୍ଥାନ କରୁଥିବା ବେଳେ ବୁଧବାର ସନ୍ଧ୍ୟାରେ ଶ୍ରୀ ସତ୍ୟନାରାୟଣ ପୂଜାର ସମାପନ ହୋଇଛି।ପରମ୍ପରାନୁଯାୟୀ ଶ୍ରୀ ଗୁଣ୍ଡିଚା ଯାତ୍ରା (ରଥ ଯାତ୍ରା)ରୁ ବାହୁଡା ଯାତ୍ରା ମଧ୍ୟରେ ହିଁ ଶ୍ରୀ ସାକ୍ଷୀଗୋପିନାଥ ମନ୍ଦିରକୁ ପ୍ରତ୍ୟାବର୍ତ୍ତନର ରିତି ରହିଥିବାରୁ ଶନିବାର ଅପରାହ୍ନରେ ବାହୁଡା ଯାତ୍ରା ଅବସରରେ ଶ୍ରୀ ଶ୍ରୀ ସାକ୍ଷୀଗୋପିନାଥ ତାଙ୍କର ସାକ୍ଷୀପଡ଼ା ସ୍ଥିତ ନିଜସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।ଏଣୁ ଭବ୍ୟ ରୂପେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇ ଶ୍ରୀ ଶ୍ରୀ ସାକ୍ଷୀଗୋପିନାଥଙ୍କୁ ନନ୍ଦପଡ଼ାରୁ ତାଙ୍କର ମନ୍ଦିରକୁ କମିଟୀ ସଦସ୍ୟ ଓ ପଡ଼ାବାସୀ ପାଛୋଟି ନେଇ ଯାଇ ପହଞ୍ଚାଇଛନ୍ତି। ଏହ ରିତିନିତିର ସମାପନ ସହିତ ଚଳିତ ବର୍ଷର ଶୀତଳଷଷ୍ଠୀ ଯାତ୍ରା ଆନୁଷ୍ଠାନିକ ରୂପେ ସମ୍ପନ୍ନ ହୋଇଛିୟ ସୁଚନାଯୋଗ୍ୟ ଯେ, ପୁରାଣ ଅନୁଯାୟୀ ମହାଦେବ ଓ ମାତା ପାର୍ବତୀଙ୍କ ଦେବ ବିବାହର ଦାୟିତ୍ୱ ଶ୍ରୀ ବିଷ୍ଣୁ ନେଇଥିଲେ। ଏଣୁ ଏହି ଦେବ ବିବାହ କାର୍ଯ୍ୟର ଆରମ୍ଭ ଠାରୁ ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ରିତିନିତି ଓ ପୁଜା କାର୍ଯ୍ୟରେ ଶ୍ରୀ ବିଷ୍ଣୁଙ୍କ ଅନ୍ୟତମ ଅବତାର ଶ୍ରୀ ଶ୍ରୀ ସାକ୍ଷୀଗୋପିନାଥ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ସାକ୍ଷୀ ରହିଥାନ୍ତି। ଏହି ପରମ୍ପରା ଦେବ ବିବାହ ଉତ୍ସବ ଶୀତଳ ଷଷ୍ଠୀ ଆରମ୍ଭ ଦିନ ଠାରୁ ଚାଲି ଆସିଛି ଏବଂ ଏହି ନିତି କେବଳ ନନ୍ଦପଡ଼ା ଶୀତଳ ଷଷ୍ଠୀ ଯାତ୍ରାରେ ହିଁ ରହିଆସିଛି ବୋଲି ଆୟୋଜନ କମିଟୀ ସୂଚନା ପ୍ରଦାନ କରିଛି।

## ଚାରିବର୍ଷ ବିତିଲା; ସରୁନି ଗୋଷ୍ଠୀ ଶୌଚାଳୟ ନିର୍ମାଣ

ରଣପୁରଗଡ : ବର୍ଷ ପରେ ବର୍ଷ ବିତିଗଲେ ମଧ୍ୟ ଅନେକ ଉନ୍ନତି ମୂଳକ କାର୍ଯ୍ୟ ପ୍ରତି ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ସେଭଳି ଦେଖିବାକୁ ମିଳୁଛି ନୟାଗଡ଼ ଜିଲ୍ଲା ରଣପୁର ବିଜ୍ଞାପିତ ଅ□ଳ ପରିଷଦ ପଞ୍ଚୁଦୋଳ ପଡିଆ ଉପନିବନ୍ଧକ କାର୍ଯ୍ୟାଳୟ ନିକଟରେୟ ତା ୫/୨/୨୦୨୧ ରିଖରେ ୧୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇ ପ□ୁଦୋଳ ପଡିଆ ଉପ ନିବନ୍ଧକ କାର୍ଯ୍ୟାଳୟ ନିକଟରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ନିର୍ମାଣାଧୀନ କାର୍ଯ୍ୟ ପ୍ରତି ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ପ୍ରତିଦିନ ଉପ ନିବନ୍ଧକ କାର୍ଯ୍ୟାଳୟକୁ ଆସୁଥିବା ମହିଳାମାନେ, ପଞ୍ଚୁଦୋଳ ଯାତ୍ରା ଓ ବାହୁଡ଼ା ଯାତ୍ରାରେ ଆସୁଥିବା ମହିଳାମାନେ ଅନେକ ଅସୁବିଧା ଭୋଗ କରୁଛନ୍ତି। ସେହିଭଳି ରଣପୁର ନୂଆ କୋର୍ଟ ସାମ୍ନା ଗୋଷ୍ଠୀ ଶୌଚାଳୟ ମଧ୍ୟ ନିର୍ମାଣ ପରେ କାର୍ଯ୍ୟ କରୁନାହିଁ। ଯାହା ଫଳରେ ଅନେକ ଅସୁବିଧା ହେଉଥିବା ଅଭିଯୋଗ ହେଉଛି।





## ରାଇହରି-ଜାମୁଡ଼ାଳି ଗ୍ରାମ୍ୟ ରାସ୍ତା ବିପର୍ଯ୍ୟସ୍ତ



ରାଇରଙ୍ଗପୁର (ମହାଭାରତ): ମୟୁରଭଞ୍ଜ ଜିଲ୍ଲାର ବିଜାତଳା ବ୍ଲକ ଅନ୍ତର୍ଗତ ରାଇହରି ପଞ୍ଚାୟତର ରାଇହରିଠାରୁ ଜାମୁଡ଼ାଳି ଗ୍ରାମ୍ୟ ରାସ୍ତା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡିଛି । ବର୍ଷା ଯୋଗୁଁ ଏହି ମାଟି ରାସ୍ତାଟି କାଦୁଅରେ ପଚପଚ କରୁଥିବାରୁ ଯାତାୟାତ ପାଇଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସନ, ଭତ୍ତା ଓ ଅନ୍ୟାନ୍ୟ କାମ ପାଇଁ ଲୋକେ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ଆସିବା କରୁଥିବାବେଳେ, ରାସ୍ତାର ଏପରି ଶୋଚନୀୟ ଅବସ୍ଥା ଲୋକମାନଙ୍କୁ ନାକେଦମ କରୁଛି। ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ଆସିବା ପାଇଁ ଆଜିକୁ ୧୮ ବର୍ଷ ତଳେ ଜାମୁଡ଼ାଳି ଓ ରାଇହରିର କିଛି ଲୋକ ନିଜସ୍ୱ ମାଲିକାନାରେ ଥିବା ନିଜ ଜମି ଦାନ କରି ଏହି ଦେଢ଼ କିଲୋମିଟର ବିଶିଷ୍ଟ ରାସ୍ତା ନିର୍ମାଣ କରିଥିଲେ । କିନ୍ତୁ ପରିତାପର ବିଷୟ ଏହି କି ଯେ, ଦୀର୍ଘ ୧୮ ବର୍ଷ ବିତିଯାଇଥିଲେ ସୁଦ୍ଧା ନାଳ ଉପରେ ଛୋଟ ପୋଲ ଓ ପୋଲର ଉଭୟ ପାର୍ଶ୍ୱରେ ୨୫ ଫୁଟର ପକ୍କା ରାସ୍ତା ଛଡା ଅନ୍ୟ କୌଣସି ଉନ୍ନତି ମୂଳକ କାମ ହୋଇନାହିଁ । ତେଣୁ ଆଗାମୀ ଦିନରେ ପ୍ରଶାସନ ଦୃଷ୍ଟି ଦେଇ ଏହି ରାସ୍ତାକୁ ପକ୍କା ସଡ଼କରେ ପରିଣତ ନ କଲେ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।


## ବର୍ଷାରେ ଭିଜି ବାହୁଡିଲେ ଶ୍ରୀ ଅଟ୍ଟାଳି ଜଗନ୍ନାଥ

ଆଠଗଡ: ଆଠଗଡର ଆରାଧ୍ୟ ପ୍ରଭୁ ଶ୍ରୀ ଅଟ୍ଟାଳି ଜନ୍ନନ୍ନାଥ ଦେବ ନବଦିନାତ୍ମକ ଘୋଷଯାତ୍ରା ଶେଷ କରି ଶନିବାର ସ୍ୱମନ୍ଦିର ଅଭିମୁଖେ ବାହୁଡିଛନ୍ତି। ଝିପି ଝିପି ଲଗାଣ ବର୍ଷା ଭଳି ପ୍ରତିକୂଳ ପାଗ ସ□ ପ୍ରାୟ ୧୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ସହ ଶାନ୍ତିଶୃଙ୍ଖଳାରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛିୟ ନିର୍ଦ୍ଧାରିତ ସମୟ ନିଘ□ ଅନୁଯାଇ ପ୍ରତ୍ୟୁଷରୁ ଆଡପ ମଣ୍ଡପରେ ଶ୍ରୀ ଜୀଉଙ୍କର ସମସ୍ତ ନୀତିକାନ୍ତି ଶେଷ କରିବା ପରେ ଅପରାହ୍ନ ୩.୩୦ ଟାରେ ଗୁଣ୍ଡିଚା ମନ୍ଦିରରୁ ଗୋଟି ପହଣ୍ଡିରେ ଆଣି ରଥାରୂଢ କରାଯାଇଥିଲା। ରାଜପୁରୋହିତ ସୁଶାନ୍ତ କୁମାର ମିଶ୍ର ଆଡପ ମଣ୍ଡପ ପରେ ରଥ ଉପରେ ସମସ୍ତ ପୂଜାନୀତି ସମ୍ପର୍କ କରିବା ସହ ଛେରାପହଁରା କରିବା ପରେ ଅପରାହ୍ନ ପ୍ରାୟ ୪.୩୦ରେ ରଥଟଣା ଆରମ୍ଭ ହୋଇ ସନ୍ଧ୍ୟା ୬ ପୂର୍ବରୁ ଜଗନ୍ନାଥ ମନ୍ଦିର ଛକସ୍ଥିତ ରଥଖଳାରେ ଦୁଇ ରଥ ପହଞ୍ଚିଥିଲା।ବଡପଣ୍ଡା ଶରତ କୁମାର ପଣ୍ଡା, ସୁଶାନ୍ତ କୁମାର ପଣ୍ଡା, ସ୍ୱାଗତ କୁମାର ପଣ୍ଡା, ଗୌତମ ପଣ୍ଡାଙ୍କ ସମେତ ଅନ୍ୟ ସମସ୍ତ ସେବାୟତ ସମସ୍ତ ନୀତିକାନ୍ତି ସମାପନରେ ସହଯୋଗ କରିଥିଲେ। ଅଟ୍ଟାଳି ଜଗନ୍ନାଥଙ୍କ ବଡ ରଥକୁ ସବୁ ବର୍ଗର ଶ୍ରଦ୍ଧାଳୁ ଏବଂ ଜଗନ୍ନାଥ ବଲ୍ଲଭ ମଠର ସାନ ରଥକୁ କେବଳ ମହିଳା ମାନେ ଭକ୍ତିଭାବ ଓ ଆନନ୍ଦଉଲ୍ଲାସ ମଧ୍ୟରେ ଟାଣି ନେଇଥିଲେ। ସଂକୀର୍ତ୍ତନ ଗୁରୁ ଅଜୟ କୁମାର ଦାସଙ୍କ ପରିଚାଳନାରେ ୧୫ ମଣ୍ଡଳ ରଥ ସମ୍ମୁଖରେ ସଂକୀର୍ତ୍ତନ



ପରିବେଷଣ କରିଥିଲେୟ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବାହୁଡା ଯାତ୍ରାକୁ ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ଅନ୍ୟ କର୍ମଚାରୀ ପରିଚାଳନା କରିଥିବାବେଳେ ଯାତ୍ରା କମିଟି ସଦସ୍ୟ, ଗୋପବନ୍ଧୁ ବିଜ୍ଞାନ କଲେଜର ଏନସିସି କ୍ୟାଡେଟ, ଏନଏସଏସ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

## ବର୍ଷା ବିପ୍ଳାତ: ଲଗାଣ ବର୍ଷାରେ ବେହାଲ୍ ଅନେକ ଗାଁ



ବାଂଶପାଳ: ଗତ କିଛି ଦିନ ଧରି ଲଗାଣ ବର୍ଷା ହେବା ଫଳରେ କେନ୍ଦୁଝରଜିଲ୍ଲା ବାଂଶପାଳ ବ୍ଲକର ଅନେକ ଗାଁ ପାଣି ଘେରରେ ରହିବା ସହ ଲୋକଙ୍କ ଘରେ ପାଣି ପଶି ଯାଇଛି। ବ୍ଲକର ବିଭିନ୍ନ ଅଞ୍ଚଳରେ ଯୋଗା ଯୋଗ ବିଚ୍ଛିନ୍ନ ହୋଇଯାଇଛି। ବ୍ରାହ୍ମଣୀ ନାଳ ପୋଲ ଉପରେ ୫ ଫୁଟର ବନ୍ୟା ଜଳ ପ୍ରବାହିତ ହେବା ଫଳରେ ଦୁଧପଶି ଠାରୁ ଇଟା ପୋଖରୀ ଫୁଲଝର, ଛେଳିଆ ବେଡ଼ା ଆଦି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।ସେହିପରି ବୈତରଣୀ ନଦୀର ଜଳ ସ୍ତର ବୃଦ୍ଧି ପାଇବା ଯୋଗୁଁ ଫୁଲଝର ପଞ୍ଚାୟତର କେନ୍ଦୁଘଟି ଓ କାଦକଳା ପଞ୍ଚାୟତର ହଲଡ଼ିହିକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଗ୍ରାମବାସୀ ପାଣି ଘେରରେ ଅଛନ୍ତି। ରୁଗୁଡି ସାହି, ଦୁଧପଶି ସମେତ ଅନେକ ଗାଁରେ ଘରେ ପାଣି ପଶିଯିବାରୁ ଲୋକଙ୍କ ଚୁଲି ଜଳୁ ନାହିଁ। ତେବେ ଲଗାଣ ବର୍ଷା ହେବା ଯୋଗୁଁ ଲୋକେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବା ସହ ଅସହାୟ ପରିବାର ପାଖ ରେ ପହଞ୍ଚି ସାହାଯ୍ୟ ଯୋଗାଇ ଦେବାକୁ ଅଂଚଳବାସୀ ଦାବି କରିଛନ୍ତି।

## ନାରାୟଣନଗରରେ ଶ୍ରୀଜଗନ୍ନାଥଙ୍କ ଦୁଇ ଦିନିଆ ବାହୁଡ଼ା ଯାତ୍ରା ଆରମ୍ଭ

ଜହ୍ନାପଙ୍କ: ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତର ଲୋକକଳା ଗ୍ରାମ ନାରାୟଣନଗର ଗ୍ରାମରେ ଶ୍ରୀଜଗନ୍ନାଥ, ଭଳଭଦ୍ର ଓ ମା ସୁଭଦ୍ରାଙ୍କ ଦୁଇ ଦିନିଆ ବାହୁଡ଼ା ଶୁଭାରମ୍ଭ ହୋଇ ଯାଇଛି। ମାଉସୀ ମନ୍ଦିରରୁ ତିନି ଠାକୁରଙ୍କୁ ପୂଜକ ଅଜିତ ପାଣିଗ୍ରାହୀ ନୀତିକାନ୍ତି ଭାବେ ପୂଜାର୍ଚ୍ଚନା କରିଥିଲେ।ଏହା ପରେ ବ୍ରାମ୍ହଣ ଓ ସେବାୟତ ମାନେ ଅପରାହ୍ନ ୫ ଟାରେ ଧାଡ଼ି ପହଣ୍ଡିରେ ନେଇ ରଥକ୍ଷରୁଢ଼ କରାଇଥିଲେ। ଟିକ ମେହେର ଛେରା ପହଁରା କରିଥିଲେ ଉକ୍ତ ଅବସରରେ ଗ୍ରାମର ବିଭିନ୍ନ ସଂକୀର୍ତ୍ତନ ଦଳ ଶ୍ରୀ ଜଗନ୍ନାଥଙ୍କ ଭଜନ କୀର୍ତ୍ତନ କରି ପହଣ୍ଡିରେ ସାମିଲ ହୋଇଥିଲେ।ପରମ୍ପରା ଅନୁଯାୟୀ ଆଜି ଠାକୁରମାନଙ୍କୁ ପହଣ୍ଡି କରି ସନ୍ଧ୍ୟା ପ୍ରାୟ ୬ ଟାରେ ରଥରେ ବିଜେ କରାଯାଇଥିଲା। ଏଥିରେ ସୁରେଶ ପଣ୍ଡା, ଜିତେନ୍ଦ୍ର ହୋତା, ଶିବାନନ୍ଦ ମିଶ୍ର, ସନ୍ତୋଷ ହୋତା, ରିକୁ ପାଣିଗ୍ରାହୀ, ସାର୍ଥକ ପାଣିଗ୍ରାହୀ, ପଞ୍ଚାନନ ମିଶ୍ର, ଋଷି ପଣ୍ଡା, ବବୁନ ପାଣିଗ୍ରାହୀ, ପପୁନ ପାଣିଗ୍ରାହୀ, ବିଧୁଭୂଷଣ ପଣ୍ଡା,ଟୁକୁନା ପଣ୍ଡା ପ୍ରମୁଖ ପହଣ୍ଡିରେ ସହଯୋଗ କରିଥିଲେ।ଏହା ପରେ ଅଞ୍ଚଳର ପରମ୍ପରା ଅନୁଯାଇ ଛୋଟ ଛୁଆମାନଙ୍କୁ ରଥ ଛୁଆଁ ପର୍ବ ଆରମ୍ଭ ହୋଇଥିଲା।ଆଜି ରଥ ଟଣା ହୋଇ ସାହୁ ଗଳି ଛକରେ ଅଟକିଥିଲା।ରବିବାର ଅପରାହ୍ନ ରେ ରଥ ଟଣା ହୋଇ ଗଙ୍ଗାଧର



ମେହେର ଛକ, ହରିବଂଶ ଛକ ଦେଇ ବଡଦାଣ୍ଡ ସେ ମୁଣ୍ଡରେ ରହିବ। ଆଜି ଠାକୁରମାନଙ୍କ ପହଣ୍ଡି ଓ ବାହୁଡ଼ା ଯାତ୍ରା ଦେଖିବା ପାଇଁ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।ସେହିପରି ପଦ୍ମନପୁର, କମିରା, ଧୁଡୁରୁବାହାଲ, ଆନନ୍ଦପୁର,ଜଗତି, ବଡ଼ିଗାଁ ଆଦି ଗ୍ରାମ ରେ ବଡ଼ ଠାକୁରଙ୍କ ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳା ସହିତ ସମ୍ପନ୍ନ ହୋଇଛି।ନାରାୟଣ ନଗର ରେ ଶାନ୍ତି ଶୃଙ୍ଖଳା ପାଇଁ ଜହ୍ନୟପଙ୍କ ଫାଣ୍ଡି ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।

## ମନ୍ଦିରକୁ ବାହୁଡ଼ିଲେ ତିନି ଠାକୁର



ଭବାନୀପାଟଣା: ଭକ୍ତଙ୍କ ପ୍ରବଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଭବାନୀପାଟଣାରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ମାଉସୀ ମା ମନ୍ଦିରରୁ ଅପରାହ୍ନ ପ୍ରାୟ ୪.୩୦ ମିନିଟ ସମୟରେ ଗୋଟି ପହଣ୍ଡିରେ ତିନି ଠାକୁରଙ୍କୁ ରଥାରୁଢ କରାଯାଇଥିଲା।ଛେରା ପହଁରା ପରେ ରଥ ଟଣା ହେଇଥିଲା। ଏହି ଅବସରରେ ପ୍ରଶାସନିକ ଅଧିକାରୀ, ଦେବୋତ୍ତର ବିଭାଗ ଅଧିକାରୀ ଏବଂ ପୋଲିସ ପ୍ରଶାସନ ଉପସ୍ଥିତ ରହି ବ୍ୟବସ୍ଥିତ ଭାବେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରାଇଥିଲେ ସେହିଭଳି ଆଜି ସ୍ଥାନୀୟ ବାଲାଜୀ ମନ୍ଦିର ରଥଯାତ୍ରା ଭକ୍ତିମୟ ପରିବେଶରେ ସମ୍ପନ୍ନ ହେଇଥିଲା। ସ୍ଥାନୀୟ ଜେଲଖାନା ଛକ ନିକଟ ମାଉସୀ ମାଁ ମନ୍ଦିରରୁ ବାଲାଜୀ ମନ୍ଦିର ଯାଏଁ ରଥ ଟଣା ଯାଇଥିଲା। ଇରିଗେଶନ କଲୋନୀର ତ୍ରିନାଥ ମନ୍ଦିର ପରିସରରେ ଥିବା ମାଉସୀ ମନ୍ଦିରରୁ ଇରିଗେଶନ କଲୋନୀ ଛକରେ ଥିବା ଜଗନ୍ନାଥ ମନ୍ଦିରକୁ ତିନି ଠାକୁର ବାହୁଡ଼ି ଯାଇଥିଲେ।ପୁରୁଣା ପଡ଼ା, ମଦନମୋହନ ମନ୍ଦିର ପଡ଼ାରେ ମଧ୍ୟ ମହାସମାରୋହରେ ବାହୁଡ଼ା ଯାତ୍ରା ପାଳିତ ହେଇଥିଲା।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଫୁଲବାଣୀ: ଖଜୁରୀପଡ଼ା ଥାନା ଅନ୍ତର୍ଗତ ଖୁସି ଢ଼ାବା ନିକଟରେ ଏକ ବାଇକ ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖଜୁରୀପଡା ଥାନା ଦଳପଡା ପଞ୍ଚାୟତ ବ୍ରଡିଗୁଡ଼ା ଗ୍ରାମର ଆଲୋକ କହଁର (୨୫)।ସୂଚନା ମୁତାବକ, ଆଲୋକ କୌଣସି କାମରେ ଖଜୁରୀପଡ଼ା ଯାଇ ସେଠାରୁ ନିଜ ବାଇକ ଯୋଗେ ଫୁଲବାଣୀ ଆଡକୁ ଆସୁଥିବା ବେଳେ ଖୁସି ଢ଼ାବା ନିକଟସ୍ଥ ତେନ୍ତୁଳି ବାଙ୍କରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖଜୁରୀପଡ଼ା ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତକଙ୍କ ମା ଦ୍ରୌପଦୀଙ୍କ ଏତଲା କ୍ରମେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ସୂଚନା ମିଳିଛି।

## ଷ୍ଟେଟ ବ୍ୟାଙ୍କର ୭୦ ତମ ପ୍ରତିଷ୍ଠା ଦିବସରେ ବନ ମହୋତ୍ସବ ପାଳନ

ଗୋପାଳପୁର: ଭାରତୀୟ ଷ୍ଟେଟବ୍ୟାଙ୍କ ବ୍ରହ୍ମପୁର ଆଞ୍ଚଳିକ ଶାଖା ପକ୍ଷରୁ କ୍ଲୋରଫିଲ ବିଦ୍ୟାଳୟ ପରିସରରେ ଷ୍ଟେଟ ବ୍ୟାଙ୍କର ୭୦ ତମ ପ୍ରତିଷ୍ଠା ଦିବସ ଅବସରରେ ବନ ମହୋତ୍ସବ ପାଳନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହି ଅଧିକାରି ଡଃ. ହରିବନ୍ଧୁ ପଣ୍ଡା ଯୋଗଦେଇ ଆନୁଷ୍ଠାନିକ ଭାବେ ବୃକ୍ଷରୋପଣର ଶୁଭାରମ୍ଭ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ମୁଖ୍ୟ ପ୍ରଶାସନ ଅଧିକାରୀ କେ ଗୋପାଳ ରାଓ ଏନ, ନିର୍ଦ୍ଦେଶକ ତନିଆ ମୂଖାର୍ଜୀ, ଅଧ୍ୟକ୍ଷ ସଂଗିତା ରାଣୀ, ଜନସମ୍ପର୍କ ଅଧିକାରୀ ସୋମନାଥ ପଟ୍ଟନାୟକ ଓ ଲକ୍ଷଣ ପ୍ରମୁଖ ଉପସ୍ଥିତ ରହି ବିଶ୍ ପରିବେଶର ଉତ୍ତାପ ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ବ୍ୟାପକ ବୃକ୍ଷ ରୋପଣର ମହତ୍ ଉପରେ ଆଲୋଚନା କରିଥିଲେ।

## ଶୁଣ୍ଢରେ କଚାଡ଼ି ପାଦରେ ଦଳି ଦେଲା

ତେଲକୋଇ: ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କେନ୍ଦୁଝରଜିଲ୍ଲା ତେଲକୋଇ ବ୍ଲକ ଦେଉଳଡିହା ପଞ୍ଚାୟତ ଉଦୟଗିରି ଗ୍ରାମ ଅନ୍ତର୍ଗତ ମହାନ୍ତ ସାହିର ଆକାଶ ମହାନ୍ତ।ଚିକିତ୍ସାଧୀନ ଅବସ୍ଥାରେ କେନ୍ଦୁଝର ମେଡିକାଲ କଲେଜରେ ମୃତ୍ୟୁ ଘଟିଛି।ଗତକାଲି ରାତିରେ ଧାନ କ୍ଷେତରେ ହାତୀ ପଶିଥିଲେ। ଘଉଡାଇବା ବେଳେ ଏକ ହାତୀ ଶୁଣ୍ଢରେ କଚାଡ଼ି ପାଦରେ ଦଳି ଦେଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ତେଲକୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ କେନ୍ଦୁଝର ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଗତକାଲି ରାତିରେ ୬ ଟିକିଆ ହାତୀ ପଲ ସ୍ଥାନୀୟ ଅଞ୍ଚଳର ଧାନ କ୍ଷେତରେ ଉପଦ୍ରବକାରୀ ରଖିଥିଲେ। ହାତୀ ମୁହଁରୁ ଫସଲ ବଞ୍ଚାଇବା ପାଇଁ ଅନ୍ୟମାନଙ୍କ ସହିତ ଆକାଶ ମଧ୍ୟ ହାତୀ ଘଉଡ଼ାଉଥିଲେ।କନ୍ତଲେଇ-ଗୋଳାଗାଡିଆ କାଜୁ ବଗିଚା ନିକଟରେ ଏକ ହାତୀ ଦଉଡାଇ ଆକ୍ରମଣ କରିଥିଲା। ପରେ ପରେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ତାଙ୍କୁ ତେଲକୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ବୁଥସ୍ତରୀୟ ଅଧିକାରୀଙ୍କ ଜାତୀୟ ପ୍ରଶିକ୍ଷଣ ଶିବିର

ଦେବଗଡ଼(ମହାଭାରତ): ଜାତୀୟ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ୧୯ ଦେବଗଡ଼ ଜିଲ୍ଲାର ତିଳେଇବଣି ଓ ରିଆମାଳ ପଞ୍ଚାୟତ ସମିତି ସଭାଗୃହ ଠାରେ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଅଛି। ରିଆମାଳ ଠାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରକୁ ଜିଲ୍ଲା ପଞ୍ଜିକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ପରୀକ୍ଷିତ ସାହୁ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ସୂର୍ଯ୍ୟକାନ୍ତ ବରିହା ଓ ତିଳେଇବଣି ବ୍ଲକ ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିଁଦ୍ଧା, ସହକାରୀ ଜିଲ୍ଲାପାଳ ସୁଶ୍ରୀ ରେଖା ମହନ୍ତ



ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଶିକ୍ଷଣ ମଧ୍ୟଭାଗରେ ଜିଲ୍ଲା ପଞ୍ଜିକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ତିଳେଇବଣି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ।ଉଭୟ ପ୍ରଶିକ୍ଷଣ ଶିବିରରେ ମୋଟ ୯୦ ଜଣ ବୁଥ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।ଉକ୍ତ ଶିବିରରେ ଘରକୁ ଘର ସର୍ଭେ ସମୟରେ ଫର୍ମ ୬, ୬କ, ୭, ଓ ୮ ର ବ୍ୟବହାର, ବୁଥ ସ୍ତରୀୟ ଅଧିକାରୀ ମାନଙ୍କ କ□ବ୍ୟ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶେଷରେ ଦିନ ତମାମ ପ୍ରଶିକ୍ଷଣ ପରେ ପରୀକ୍ଷଣ କରାଯାଇ ସମସ୍ତଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।ଏହି ପ୍ରଶିକ୍ଷଣ ଶିବିରରେ ସାଧନ କର୍ମୀ ଭାବେ ତିଳେଇବଣି ଗ୍ରାମପଂଚାୟତ ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ନାଏକ, ରିଆମାଳ ଗ୍ରାମ ପଂଚାୟତ ସମ୍ପ୍ରସାରଣ ଅଧିକାରୀ ନୀଳିମା ଏକ୍କା, ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ସି. ଆର. ସି. ସି. ପ୍ରାଣବନ୍ଧୁ ଘଡେଇ, ଭେନସ କୁମାର ପ୍ରଧାନ, ଦାଶରଥି ପ୍ରଧାନ ସୁଶୀଲ କୁମାର ସ୍ୱାଇଁ, ତ୍ରିପୁରାରୀ ପ୍ରଧାନ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶୁଭଙ୍କର ଦେବତା,ସୁଜିତ କୁମାର ଭୋଜ, କଦମ୍ବ କିଶୋର ବେହେରା ସହଯୋଗ କରିଥିଲେ।

## ଉତ୍ତର ପ୍ରଦେଶରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୮ ମୃତ

ଉତ୍ତର ପ୍ରଦେଶ : ଉତ୍ତର ପ୍ରଦେଶ ସମ୍ଭଲରେ ଗତକାଲି ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୮ ଜଣ ଲୋକଙ୍କର ମୃତ୍ୟୁ ଘଟିଛି । ବୋଲେରୋ ନିୟନ୍ତ୍ରଣ ହରାଇ କଲେଜ କାନ୍ଥକୁ ଧକ୍କା ଦେଇ ଦୁର୍ଘଟଣା ଘଟାଇଥିବା ସୂଚନା ମିଳୁଛି । ଏନେଇ ଦୁଃଖ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସୂଚନାନୁଯାୟୀ, ବିବାହ ଶୋଭାଯାତ୍ରାକୁ ନେଇ ଯାଉଥିବା ଏକ ବୋଲେରୋ ନିୟନ୍ତ୍ରଣ ହରାଇ କଲେଜ କାନ୍ଥରେ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ବର ସମେତ ୮ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା । ମୃତକ ହେଲେ ବର ସୁରଜ(୨୪), ଭାଉଜ ଆଶା(୨୬), ଆଶାଙ୍କ ଝିଅ ଐଶ୍ୱର୍ଯ୍ୟା(୨), ମନୋଜଙ୍କ ପୁଅ ବିଷ୍ଣୁ(୬), ଜଣେ ଅଜଣା ଲୋକଙ୍କ ପ୍ରାଣ ଚାଲିଯାଇଥିବାବେଳେ ପରେ ଆଉ ତିନି ଜଣଙ୍କର ମୃତ୍ୟୁ ହୋଇଥିଲା । ଘଟଣାସ୍ଥଳରେ ପୋଲିସ ପହଞ୍ଚି ସେମାନଙ୍କୁ ତୁରନ୍ତ ହସ୍ପିଟାଲକୁ ପଠାଇଥିଲା । ଯେଉଁଠାରେ ବର ସୂରଜ ସମେତ ୫ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଆହତମାନଙ୍କୁ ରେଫର କରାଯାଇଛି । ଜଅନ୍ୟପଟେ ଜାତୀୟ ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତଙ୍କ ପରିବାରକୁ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ପ୍ରଧାନମନ୍ତ୍ରୀ ମୋଦି ଅଧିକାରୀକ ହ୍ୟାଣ୍ଡେଲରେ ପୋଷ୍ଟ କରି କହିଛନ୍ତି । ମୃତକଙ୍କ ପରିବାରକୁ ଆଶ୍ୱସନା ଦେଇଛନ୍ତି । ସେହିପରି ଆହତଙ୍କ ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରିଛନ୍ତି ।

## ଦିଲ୍ଲୀର ବିଶାଳ ମେଗା ମାର୍ଟରେ ଅଗ୍ନିକାଣ୍ଡ, ଜଣେ ମୃତ

ଦିଲ୍ଲୀ : ଗତକାଲି ସନ୍ଧ୍ୟାରେ ଦିଲ୍ଲୀର କାରୋଲବାଗରେ ଥିବା ବିଶାଳ ମେଗା ମାର୍ଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି । ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ୬ଟି ଅଗ୍ନିଶମ ବାହିନୀ ଗାଡ଼ି ପହଞ୍ଚିଥିଲା । ଦୀର୍ଘ ୧୨ ଘଣ୍ଟାର କଠିନ ପରିଶ୍ରମ ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଛନ୍ତି । ସୂଚନାନୁଯାୟୀ, ଅଗ୍ନିକାଣ୍ଡ ସମୟରେ ଜଣେ ଯୁବକ ଲିଫ୍ଟରେ ଫସି ରହିଥିଲେ । କାରଣ ସେହି ସମୟରେ କରେଣ୍ଟ କାଟି ଦିଆଯିବାରୁ ଫଳରେ ଲିଫ୍ଟ ବନ୍ଦ ହୋଇଯାଇଥିଲା । ସେହି ଲିଫ୍ଟରେ ଥିବା ଯୁବକଙ୍କୁ ଉଦ୍ଧାର କରି ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ତାଙ୍କର ମୃତ୍ୟୁ ଘଟିଥିଲା । ଏପରି ଅଘଟଣ ସମ୍ପର୍କରେ ଶୁକ୍ରବାର ସନ୍ଧ୍ୟା ୬.୪୪ରେ ଅଗ୍ନିଶମ ବାହିନୀକୁ ସୂଚନା ଦିଆଯାଇଥିଲା । ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ, କିଛି ସମୟ ମଧ୍ୟରେ ହିଁ ୪ମହଲାର ପୁରା ମଲକୁ ନିଆଁ ବ୍ୟାପିଯାଇଥିଲା । ଫଳରେ ମଲରେ ଥିବା ଲକ୍ଷ ଲକ୍ଷ ଟଙ୍କାର ଜିନିଷ ଜଳି ପୋଡି ପାଉଁଶ ହୋଇଯାଇଥିଲା । ନିଆଁ ଲିଭାଇବା ପରେ, ଏବେ କୁଲିଂ କାମ ଚାଲିଛି ଯାହା ଦ୍ୱାରା ପୁଣିଥରେ ନିଆଁ ବ୍ୟାପିବ ନାହିଁ । ଅନ୍ୟପଟେ ଏହାରି ସମ୍ପର୍କରେ ପୋଲିସ ଏକ ଏଫଆଇଆର ଦାଖଲ କରି ତଦନ୍ତ ଆରମ୍ଭ କରିଛି । ଏହା ବ୍ୟତୀତ ମୃତ୍ୟୁର ପ୍ରକୃତ କାରଣ ତଦନ୍ତ ପାଇଁ ଫରେନସିକ୍ ଦଳକୁ ଘଟଣାସ୍ଥଳକୁ ପଠାଯାଇଛି ।

## ଆମେରିକାରେ ବନ୍ୟା, ୧୩ ମୃତ

ଆମେରିକା: ଆମେରିକାର ଟେକ୍ସାସ ରାଜ୍ୟର ହିଲ୍ କଣ୍ଟ୍ରି ଅଞ୍ଚଳରେ ରାତିସାରା ପ୍ରବଳ ବର୍ଷା ହୋଇଛି । ରିପୋର୍ଟ ଅନୁଯାୟୀ, ମାତ୍ର କିଛି ଘଣ୍ଟା ମଧ୍ୟରେ ଏତେ ବର୍ଷା ହୋଇଛି ଯାହା ସାଧାରଣତଃ ମାସକରେ ହୁଏ ନାହିଁ, ଯାହା ଯୋଗୁଁ ଗୁଆଡାଲୁପ୍ ନଦୀରେ ବନ୍ୟା ଆସିଛି । ନଦୀରେ ବନ୍ୟା ଯୋଗୁଁ ଅତି କମରେ ୧୩ ଜଣ ପ୍ରାଣ ହରାଇଛନ୍ତି ଏବଂ ଏକ ବାଳିକା ଗ୍ରୀଷ୍ମ ଶିବିରରେ ଥିବା ୨୦ ରୁ ଅଧିକ ଝିଅ ନିଖୋଜ ହୋଇଯାଇଛନ୍ତି । ଉଦ୍ଧାରକାରୀ ଦଳ ହେଲିକପ୍ଟର ଏବଂ ଡଙ୍ଗା ମାଧ୍ୟମରେ ପ୍ରବଳ ସ୍ରୋତରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଛନ୍ତି । କେର୍ଭିଲ୍ କାଉଣ୍ଟିରେ ରାତିସାରା ୧୦ ଇଞ୍ଚରୁ ଅଧିକ ବର୍ଷା ହୋଇଥିଲା, ଯାହା ଫଳରେ ନଦୀର ଜଳସ୍ତର ହଠାତ୍ ବଢ଼ି ଯାଇଥିଲା । ଜାତୀୟ ପାଣିପାଗ ସେବା ଅନୁଯାୟୀ, ହଣ୍ଟ ନିକଟରେ ଗୁଆଡାଲୁପ୍ ନଦୀର ଜଳସ୍ତର ମାତ୍ର ୨ ଘଣ୍ଟା ମଧ୍ୟରେ ୨୨ ଫୁଟ ବୃଦ୍ଧି ପାଇଥିଲା । ପାଣିପାଗ ବିଜ୍ଞାନୀ ବବ୍ ଫୋଗାର୍ଟି କହିଛନ୍ତି, "ପାଣି ଏତେ ଦ୍ରୁତ ଗତିରେ ବୃଦ୍ଧି ପାଇଲା ଯେ ଲୋକଙ୍କୁ ସୁସ୍ଥ ହେବାର ସୁଯୋଗ ମିଳିଲା ନାହିଁ ।" କାଉଣ୍ଟି ବିଚାରପତି ରବ୍ କେଲି କହିଛନ୍ତି ଯେ ଅନେକ ଲୋକଙ୍କ ମୃତଦେହ ମିଳିଛି, କିନ୍ତୁ ସେମାନଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ । ସେ କହିଛନ୍ତି, "ଆମର ପ୍ରୟାସ ଜାରି ରହିଛି, କିନ୍ତୁ ପରିସ୍ଥିତି ବହୁତ କଷ୍ଟକର ।" ହଣ୍ଟରେ ଥିବା ଏକ ଘରୋଇ ଖ୍ରୀଷ୍ଟିଆନ ବାଳିକା ଗ୍ରୀଷ୍ମକାଳୀନ ଶିବିର କ୍ୟାମ୍ପ ମିଷ୍ଟିକ୍ ବନ୍ୟାର ଶିକାର ହୋଇଛି । ଲେଫ୍ଟନାଣ୍ଟ ଗଭର୍ଣ୍ଣର ଡାନ୍ ପାଟ୍ରିକ୍ କହିଛନ୍ତି ଯେ ଶିବିରରୁ ୨୩ ଜଣ ଝିଅ ଏବେ ବି ନିଖୋଜ ଅଛନ୍ତି । ସେ ଟେକ୍ସାସର ଲୋକମାନଙ୍କୁ ଝିଅମାନଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରିବାକୁ ଅନୁରୋଧ କରିଛନ୍ତି । କ୍ୟାମ୍ପ ମିଷ୍ଟିକ୍ ଅଭିଭାବକମାନଙ୍କୁ ଏକ ଇମେଲ୍ ପଠାଇ କହିଛନ୍ତି ଯେ ମିଳିଥିବା ପିଲାମାନଙ୍କ ପରିବାରକୁ ସୂଚିତ କରାଯାଇଛି । ହେଲେ, ଶିବିରରେ ବିଦ୍ୟୁତ୍, ୱାଇ-ଫାଇ ଏବଂ ପାଣି ଯୋଗାଣ ବନ୍ଦ ହୋଇଯାଇଛି ଏବଂ ଏହାକୁ ଯାଉଥିବା ରାସ୍ତା ମଧ୍ୟ ଧୋଇ ଯାଇଛି । ଅନ୍ୟ ଦୁଇଟି ଶିବିର, କ୍ୟାମ୍ପ ୱାଲଡେମାର ଏବଂ କ୍ୟାମ୍ପ ଲା ଜଣ୍ଟା, ଇନଷ୍ଟାଗ୍ରାମରେ କହିଛନ୍ତି ଯେ ସେମାନଙ୍କର ସମସ୍ତ ପିଲା ଏବଂ କର୍ମଚାରୀ ସୁରକ୍ଷିତ ଅଛନ୍ତି । ପରିବାରର ଚିନ୍ତା ସୋସିଆଲ ମିଡିଆରେ ସ୍ପଷ୍ଟ ଭାବରେ ଦେଖାଯାଉଛି । ଲୋକମାନେ ସେମାନଙ୍କ ପିଲା, ଭଣଜା ଏବଂ ସମ୍ପର୍କୀୟମାନଙ୍କୁ ଖୋଜୁଛନ୍ତି । ଜଣେ ମହିଳା ଫେସବୁକରେ ଲେଖିଛନ୍ତି ଯେ ତାଙ୍କ ଝିଅ, ଯିଏ ତାଙ୍କ ସ୍ୱାମୀ ଏବଂ ଦୁଇ ପିଲାଙ୍କ ସହିତ ହଣ୍ଟର ଏକ କ୍ୟାବିନରେ ଥିଲେ, ତାଙ୍କ ସହିତ ଯୋଗାଯୋଗ ହୋଇପାରିଲା ନାହିଁ । କେରଭିଲ୍ କାଉଣ୍ଟି ସେରିଫ୍ ଅଫିସ୍ ର ଫେସବୁକ୍ ପେଜରେ, ଲୋକମାନେ ଫଟୋ ସେୟାର କରୁଛନ୍ତି ଏବଂ ସେମାନଙ୍କ ପ୍ରିୟଜନଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରୁଛନ୍ତି । କେରଭିଲ୍ ଏବଂ ହଣ୍ଟରୁ ତଳମୁଣ୍ଡରେ ପ୍ରବାହିତ ହେଉଥିବା ପାଣି ମଧ୍ୟ କେଣ୍ଡାଲ୍ କାଉଣ୍ଟିରେ ବିପଦକୁ ବୃଦ୍ଧି କରିଛି । କମ୍ଫର୍ଟରେ ଥିବା ସେରିଫ୍ ଅଫିସ୍ ବନ୍ୟା ବିଷୟରେ ସତର୍କ କରାଇଛି ଏବଂ ତଳିଆ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ତୁରନ୍ତ ସ୍ଥାନାନ୍ତର କରିବାକୁ କହିଛି । ଏଥି ସହ ଜାଣିରଖନ୍ତୁ ଯେ, ଇନଗ୍ରାମ୍ ନିକଟସ୍ଥ ବମ୍ବଲ୍ ବି ହିଲ୍ସରେ ରହୁଥିବା ଏରିନ୍ ବର୍ଗେସ୍ କହିଛନ୍ତି ଯେ ଶୁକ୍ରବାର ଭୋର ୩:୩୦ରେ ବର୍ଷା ଆରମ୍ଭ ହେବା ପରେ ସବୁକିଛି ଓଲଟପାଲଟ ଲାଗୁଥିଲା । କିନ୍ତୁ ୨୦ ମିନିଟ୍ ପରେ ତାଙ୍କ ଘରେ ପାଣି ପ୍ରବେଶ କରିବାକୁ ଲାଗିଲା । ତାଙ୍କର ୧୯ ବର୍ଷୀୟ ପୁଅ ଏରିନ୍, ତାଙ୍କ ପ୍ରେମିକ ଏବଂ କୁକୁର କୌଣସି ପ୍ରକାରେ ଏକ ଗଛ ତଳେ ଆଶ୍ରୟ ନେଇଥିଲେ । ସେ କହିଥିଲେ, 'ମୋ ପୁଅ ୬ ଫୁଟରୁ ଅଧିକ ଉଚ୍ଚ, ତାଙ୍କ ଯୋଗୁଁ ମୁଁ ବଞ୍ଚି ପାରିଲି ।' କିଛି ସମୟ ପରେ, ତାଙ୍କ ପ୍ରେମିକ ଏବଂ କୁକୁର ମଧ୍ୟ ମିଳିଗଲେ । କାଉଣ୍ଟି ବିଚାରପତି ରବ କେଲି ସ୍ୱୀକାର କରିଛନ୍ତି ଯେ ବନ୍ୟା ସତର୍କତା ସତ୍ତ୍ୱେ, କୌଣସି ଦୃଢ଼ ସତର୍କତା ବ୍ୟବସ୍ଥା ନଥିଲା । ସେ କହିଛନ୍ତି, 'ଆମେ ଜାଣି ନଥିଲୁ ଯେ ଏତେ ବଡ଼ ବନ୍ୟା ଆସିବ । ଏହି ନଦୀ ଉପତ୍ୟକା ଆମେରିକାର ସବୁଠାରୁ ବିପଦପୂର୍ଣ୍ଣ ନଦୀ ଉପତ୍ୟକା ମଧ୍ୟରୁ ଗୋଟିଏ ।' ଟେକ୍ସାସ ରାଜ୍ୟପାଳ ଗ୍ରେଗ୍ ଆବୋଟ୍ କହିଛନ୍ତି ଯେ ରାଜ୍ୟ ସରକାର ପ୍ରଭାବିତ ଅଞ୍ଚଳକୁ ସମ୍ବଳ ପଠାଉଛି । କେରଭିଲ୍, ଇନଗ୍ରାମ୍ ଏବଂ ହଣ୍ଟ ଭଳି ଅଞ୍ଚଳରେ ରିଲିଫ୍ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ଟେକ୍ସାସ ବ୍ୟତୀତ, ନ୍ୟୁ ଜର୍ସିରେ ମଧ୍ୟ ଝଡ଼ ତାଣ୍ଡବ ସୃଷ୍ଟି କରିଛି ।

# ଅମରନାଥ ଯାତ୍ରା ସମୟରେ ବଡ଼ ଅଘଟଣ, ୩୬ ଯାତ୍ରୀ ଆହତ



ନୂଆଦିଲ୍ଲୀ : ଅମରନାଥ ଯାତ୍ରା ସମୟରେ ଘଟିଛି ବଡ଼ ଅଘଟଣ । ଏପରି ଅଘଟଣ ଶନିବାର ଦିନ ଦେଖିବାକୁ ମିଳିଛି । ପହଲଗାମ ରୁଟରେ ଶ୍ରଦ୍ଧାଳୁଙ୍କ କାଫିଲେରେ ଯାଉଥିବା ୩ଟି ବସ୍ ପରସ୍ପର ସହିତ ଧକ୍କା ହୋଇଛି । ଏହି ଅଘଟଣରେ ୩୬ ଜଣ ଯାତ୍ରୀ ଆହତ ହୋଇଛନ୍ତି । ବସ୍ ବ୍ରେକ୍ ହୋଇଯିବାରୁ ଏପରି ଅଘଟଣ ଘଟିଥିବା ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି । ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ତୁରନ୍ତ ପୋଲିସ ପହଞ୍ଚି ଆହତଙ୍କୁ ହସ୍ପିଟାଲ ପଠାଇଛି । ପବିତ୍ର ଅମରନାଥ ଗୁମ୍ଫାର ଏହି ଯାତ୍ରା ୩ ଜୁଲାଇରୁ ଆରମ୍ଭ ହୋଇଥିଲା । ୩୯ ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରା ୯ ଅଗଷ୍ଟରେ ଶ୍ରାବଣ ପୂର୍ଣ୍ଣିମା ଏବଂ ରାକ୍ଷୀ ପୂର୍ଣ୍ଣମୀରେ ଶେଷ ହେବ । ୩,୮୮୮ ମିଟର ଉଚ୍ଚତାରେ ଥିବା ଏହି ପବିତ୍ର ଗୁମ୍ଫାରେ ପହଞ୍ଚିବା ପାଇଁ ଭକ୍ତମାନେ ଦୁଇଟି ରାସ୍ତା ଦେଇ ଯାଇପାରିବେ । ପହଲଗାମ ଏବଂ ବାଲତାଲ ରୁଟ୍ ରହିଛି । ଭକ୍ତମାନେ ସେମାନଙ୍କ ଇଚ୍ଛା ଅନୁସାରେ ଗୋଟିଏ ରୁଟ୍ ବାଛି ଯାଇପାରିବେ । ପହଲଗାମ୍ ରୁଟ୍ ଦେଇ ଯାତ୍ରା କରୁଥିବା ଭକ୍ତମାନେ ଚନ୍ଦନୱାରୀ, ଶେଷନାଗ ଏବଂ ପଞ୍ଚତରଣୀ ରାସ୍ତା ଦେଇ ପାଦରେ ଚାଲି ୪୬କିଲୋମିଟର ଯାତ୍ରା କରିବା ପରେ ପବିତ୍ର ଗୁମ୍ଫା ନିକଟରେ ପହଞ୍ଚି ପାରିବେ । ଏହାରି ମଧ୍ୟରେ ଶନିବାର ଦିନ କଡ଼ା ସୁରକ୍ଷା କରିବା ପରେ ମଧ କାଶ୍ମୀର ଅଭିମୁଖେ ଯାତ୍ରା କରିଥିଲା । ଏହି ଯାତ୍ରାରେ ୬,୯୭୯ ତୀର୍ଥଯାତ୍ରୀ ଥିଲେ । ସେମାନଙ୍କ ମଧ୍ୟରୁ ୨,୭୫୩ ତୀର୍ଥଯାତ୍ରୀ ବାଲତାଲ ବେସ୍ କ୍ୟାମ୍ପକୁ ଯାଇଥିଲେ । ୪,୨୨୬ ତୀର୍ଥଯାତ୍ରୀ ପହଲଗାମ ଅଭିମୁଖେ ଯାତ୍ରା କରିଥିଲେ । ସମସ୍ତ ଶ୍ରଦ୍ଧାଳୁ ଭଗବତୀ ନଗରରୁ କାଫିଲୋରେ ୩୧୨ ତୀର୍ଥଯାତ୍ରୀ ଗାଡ଼ି ମାଧ୍ୟମରେ ବାହାରିଥିଲେ । ଅନ୍ୟପଟେ ଅମରନାଥ ଯାତ୍ରା ଆରମ୍ଭହେବା ପରଠାରୁ ୨୬,୮୦୦ରୁ ଅଧିକ ଶ୍ରଦ୍ଧାଳୁ ପବିତ୍ର ଗୁମ୍ଫା ଦର୍ଶନ କରିଛନ୍ତି । ଏହି ଘଟଣା ପରେ, ଯାତ୍ରୀଙ୍କ ସୁରକ୍ଷା ପାଇଁ ଯାତ୍ରାରେ ସତର୍କତା ବୃଦ୍ଧି କରିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି । ଯାହା ଦ୍ୱାରା ଦୁର୍ଘଟଣାର ଆଶଙ୍କାକୁ କମ୍ କରାଯାଇପାରିବ । ପୋଲିସ ତୀର୍ଥଯାତ୍ରୀମାନଙ୍କୁ ଯାତ୍ରା ନିୟମ ପାଳନ କରିବାକୁ ଏବଂ ପ୍ରଶାସନ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାବଳୀକୁ ବାଧ୍ୟତାମୂଳକ ଭାବରେ ମାନିବାକୁ ନିବେଦନ କରିଛି ।

## ମଧ୍ୟପ୍ରଦେଶରେ ବର୍ଷାର ତାଣ୍ଡବ, ଭାସିଗଲା ଏଲପିଜି ସିଲିଣ୍ଡର ଟ୍ରକ୍



ମଧ୍ୟପ୍ରଦେଶ: ମଧ୍ୟପ୍ରଦେଶର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ହେଉଛି । ଲଗାତାର ବର୍ଷା ଯୋଗୁଁ ଜବଲପୁର ଏବଂ ନିକଟବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଜୀବନଯାତ୍ରା ପ୍ରଭାବିତ ହେଉଛି । ନଦୀ ଏବଂ ଝରଣାଗୁଡ଼ିକ ଫୁଲ୍ ହୋଇଯାଇଛି ଏବଂ ସବୁଠି ପାଣି ଦେଖାଯାଉଛି । ଏହି ସମୟରେ, ପରିୟତ ନଦୀର ସେତୁ ଉପରେ ଖଚଏ ଭର୍ତ୍ତି ଏକ ସିଲିଣ୍ଡର ଏବଂ ନଡ଼ା ଭର୍ତ୍ତି ଏକ ଟ୍ରଲି ନଦୀରେ ଖସି ପଡ଼ିଛି । ଜବଲପୁରର ବରେଲା ଥାନା ଅଞ୍ଚଳର କୁଣ୍ଡମ ରାସ୍ତାରେ ପରିୟତ ନଦୀର ଉଗ୍ର ରୂପ ଦୃଶ୍ୟମାନ ହେଉଛି । ଏଠାରେ ପରିୟତ ନଦୀର ପାଣି ସେତୁ ପର୍ଯ୍ୟନ୍ତ ପ୍ରବାହିତ ହେଉଛି । ଏହି ସମୟରେ, ସିଲିଣ୍ଡରରେ ଭର୍ତ୍ତି ଏକ ଟ୍ରକ୍ ଏବଂ ନଡ଼ା ଭର୍ତ୍ତି ଏକ ଟ୍ରଲି ସେତୁ ପାର ହେଉଥିଲା । ଧୀରେ ଧୀରେ, ନଦୀର ଜଳସ୍ତର ବୃଦ୍ଧି ପାଇବା ଆରମ୍ଭ କଲା ଯାହା ଫଳରେ ପ୍ରଥମେ ନଡ଼ା ଭର୍ତ୍ତି ଟ୍ରଲି ନଦୀରେ ବୁଡ଼ିଗଲା ଏବଂ କିଛି ସମୟ ମଧ୍ୟରେ, ଖଚଏ ସିଲିଣ୍ଡର ଭର୍ତ୍ତି ଟ୍ରକ୍ ମଧ୍ୟ ବନ୍ୟାରେ ବୁଡ଼ିଗଲା । ପାଣିର ଗତି ଏତେ ଦ୍ରୁତ ଥିଲା ଯେ ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ମଧ୍ୟ ନଡ଼ା ପରି ବହିବାକୁ ଲାଗିଲା । ପ୍ରକୃତରେ, ଏକ ଖଚଏ ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକ୍ ବରେଲା ଅଞ୍ଚଳରୁ କୁଣ୍ଡମ ତହସିଲକୁ ଯାତ୍ରା କରିଥିଲା କିନ୍ତୁ ତାଲିଆ ଗାଁ ନିକଟରେ ପାରିୟାତ ନଦୀର ସେତୁ ପାଖରେ ପହଞ୍ଚିବା ମାତ୍ରେ ପାଣିର ସ୍ତର ଏତେ ବଢିବାକୁ ଲାଗିଲା ଯେ ଟ୍ରକରେ ବସିଥିବା ଡ୍ରାଇଭର ଏବଂ ସହାୟକ ଭୟଭୀତ ହୋଇଗଲେ ଏବଂ ସେମାନେ ଗାଡ଼ିକୁ ସେଠାରେ ଛାଡି ଜୀବନ ବଞ୍ଚାଇବାକୁ ଦୌଡ଼ି ପଳାଇଲେ । କିଛି ମୁହୂର୍ତ୍ତ ମଧ୍ୟରେ ପାଣିର ବନ୍ୟା ଆସିଲା ଏବଂ ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକ୍କୁ ଭସେଇ ନେଇଗଲା । ଆପଣଙ୍କୁ କହିରଖୁଛୁ ଯେ ଜବଲପୁର ସଂଲଗ୍ନ ଜିଲ୍ଲାଗୁଡ଼ିକରେ ଗତ ଦୁଇ ଦିନ ଧରି ଲଗାତାର ବର୍ଷା ହେଉଛି ଏବଂ ସେଠାରୁ ପାଣି ପରିୟତ ନଦୀରେ ମିଶିଯାଉଛି । ଯାହା ଫଳରେ ତାଲିଆ ଗାଁରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ପରିୟତ ନଦୀର ପୋଲ ଉପରୁ ଟ୍ରକଟି ଭାସିଯିବା ଖବର ପାଇବା ପରେ, ପୋଲିସ ଦଳ ଏବଂ ଉଦ୍ଧାର ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଅତିରିକ୍ତ ପୋଲିସ ଅଧିକ୍ଷକ ସୂର୍ଯ୍ୟକାନ୍ତ ଶର୍ମା ଘଟଣାର ସତ୍ୟତା ପ୍ରଦାନ କରି କହିଛନ୍ତି ଯେ ପାରିୟତ ନଦୀ ବରେଲା କୁଣ୍ଡମ ରାସ୍ତାରେ ତାଲିଆ ଗ୍ରାମ ନିକଟରେ କଲଭର୍ଟ ପାର ହେଉଥିବା ସମୟରେ ନଡ଼ା ବୋଝେଇ ଏକ ଟ୍ରକ ଏବଂ ଗ୍ୟାସ ସିଲିଣ୍ଡର ବୋଝେଇ ଏକ ଟ୍ରକ ନଦୀ ବନ୍ୟାରେ ବୁଡ଼ି ଯାଇଥିଲା । ସୂଚନା ପାଇବା ମାତ୍ରେ ପୋଲିସ ଏବଂ ଉଦ୍ଧାରକାରୀ ଦଳକୁ ଘଟଣାସ୍ଥଳକୁ ପଠାଯାଇଥିଲା । ଉଭୟ ଟ୍ରକର ଡ୍ରାଇଭରମାନେ ସେମାନଙ୍କ ଗାଡ଼ି ଛାଡି ସୁରକ୍ଷିତ ଭାବରେ ବାହାରକୁ ଆସିଥିଲେ । କୌଣସି ଜୀବନହାନିର ସୂଚନା ନାହିଁ । ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

## ଉଡ଼ାଣ ପୂର୍ବରୁ ଏୟାର ଇଣ୍ଡିଆ ପାଇଲଟ ଅସୁସ୍ଥ, ସୂଚନା ଜାରି କଲା ଏୟାରଲାଇନ୍ସ

ବେଙ୍ଗାଲୁରୁ: ଏୟାର ଇଣ୍ଡିଆ ବିମାନ ଇ୧ ୨୪୧୪ ଉଡ଼ାଉଥିବା ପାଇଲଟ ଶୁକ୍ରବାର (୪ ଜୁଲାଇ, ୨୦୨୫) ବେଙ୍ଗାଲୁରୁରୁ ଦିଲ୍ଲୀ ଅଭିମୁଖେ ବିମାନ ଉଡ଼ାଣ କରିବାକୁ ଯାଉଥିବା ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିଲେ । ଏହି ସୂଚନା ଏୟାର ଇଣ୍ଡିଆ ଏୟାରଲାଇନ୍ସ ପକ୍ଷରୁ ଦିଆଯାଇଛି । ଏୟାର ଇଣ୍ଡିଆର ଜଣେ ମୁଖପାତ୍ର କହିଛନ୍ତି ଯେ ପାଇଲଟଙ୍କୁ ନିକଟସ୍ଥ ଏକ ହସ୍ପିଟାଲକୁ ନିଆଯାଇ ଭର୍ତ୍ତି କରାଯାଇଛି, ଯେଉଁଠାରେ ତାଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ଅଛି । ପାଇଲଟଙ୍କୁ ଡାକ୍ତରୀ ପର୍ଯ୍ୟବେକ୍ଷଣରେ ରଖାଯାଇଛି । ପାଇଲଟଙ୍କ ଅସୁସ୍ଥତା ଯୋଗୁଁ ଉଡ଼ାଣ ବିଳମ୍ବିତ ହୋଇଥିଲା ଏବଂ ପରେ କକପିଟ କ୍ରୁର ଅନ୍ୟ ଜଣେ ପାଇଲଟ ଉଡ଼ାଣ ପରିଚାଳନା କରିଥିଲେ । ଏୟାରଲାଇନ୍ସ କହିଛି ଯେ ଆମର ତୁରନ୍ତ ପ୍ରାଥମିକତା ହେଉଛି ପାଇଲଟ ଏବଂ ତାଙ୍କ ପରିବାରକୁ ସାହାଯ୍ୟ କରିବା ଯାହା ଦ୍ୱାରା ସେ ଶୀଘ୍ର ସୁସ୍ଥ ହୋଇପାରିବେ । ଏହି ଘଟଣାଟି ଜୁନ୍ ୧୨, ୨୦୨୫ରେ ଅହମ୍ମଦାବାଦରେ ଏୟାର ଇଣ୍ଡିଆ ଫ୍ଲାଇଟ୍ ୧୭୧ ଦୁର୍ଘଟଣାର ମାତ୍ର ସପ୍ତାହ ପରେ ଆସିଛି, ଯେଉଁଥିରେ ୨୭୫ ଜଣଙ୍କର ଜୀବନ ଯାଇଥିଲା । ଦୁର୍ଘଟଣାର ପରବର୍ତ୍ତୀ




ଦିନଗୁଡ଼ିକରେ ଏୟାର ଇଣ୍ଡିଆ ସହିତ ଜଡିତ ଅନ୍ୟ ଅନେକ ଘଟଣା ସାମ୍ନାକୁ ଆସିଛି । ଅହମ୍ମଦାବାଦ ବିମାନ ଦୁର୍ଘଟଣାର ମାତ୍ର ୩୮ ଘଣ୍ଟା ପରେ, ଜୁନ୍ ୧୪ ତାରିଖ ପ୍ରତ୍ୟୁଷରେ ଦିଲ୍ଲୀରୁ ଭିଏନା ଅଭିମୁଖେ ଉଡ଼ାଣ ଭରିବା ପରେ ଏକ ବୋଇଂ ୭୭୭ ୱାଇଡ-ବଡି ବିମାନକୁ ଅଟକିବାର ସତର୍କତା ଜାରି କରାଯାଇଥିଲା । ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା ଏବଂ ବିମାନଟି ସୁରକ୍ଷିତ ଭାବରେ ଅବତରଣ କରିଥିଲା । ଏଥି ସହ ଜାଣି ରଖନ୍ତୁ ଯେ, ଏପ୍ରିଲ ମାସରେ ଜଣେ ଏୟାର ଇଣ୍ଡିଆ ଏକ୍ସପ୍ରେସ ଅଧିକାରୀଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା । ଭାରତର ବିମାନ ଚଳାଚଳ ନିୟାମକ ମହାନିର୍ଦ୍ଦେଶାଳୟ (ଡିଏଜିଇ) ଦ୍ୱାରା ଆରମ୍ଭ ହୋଇଥିବା ପରିଚାଳନାଗତ କାରଣ ଏବଂ ସତର୍କତାମୂଳକ ବିମାନ ଯାଞ୍ଚକୁ ଦର୍ଶାଇ ଏୟାର ଇଣ୍ଡିଆ ଜୁନ୍ ୧୭ ତାରିଖରେ ଛଅଟି ଅନ୍ତର୍ଜାତୀୟ ବିମାନ ବାତିଲ କରିଥିଲା । ୯ ଏପ୍ରିଲରେ, ବିମାନଟି ଦିଲ୍ଲୀରେ ଅବତରଣ କରିବାର କିଛି ସମୟ ପରେ ଏୟାର ଇଣ୍ଡିଆ ଏକ୍ସପ୍ରେସର ଜଣେ ଅଧିକାରୀଙ୍କ ହୃଦଘାତରେ ମୃତ୍ୟୁ ହୋଇଥିଲା । ଅବତରଣ କରିବାର କିଛି ମିନିଟ୍ ପରେ ପାଇଲଟ୍ ଅଚେତ ହୋଇଗଲେ ଏବଂ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହେଲା । ଡିଏଜିଇ ଏହି ଘଟଣାର ବିସ୍ତୃତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## କରାଚୀରେ ଭୁଶୁଡ଼ିଲା କୋଠା, ୭ ମୃତ

ପାକିସ୍ତାନ: ପାକିସ୍ତାନର କରାଚୀରେ ଶୁକ୍ରବାର ଦିନ ଏକ କୋଠା ଭୁଶୁଡ଼ି ପଡ଼ିବାରୁ ଅତି କମରେ ସାତ ଜଣଙ୍କର ମୃତ୍ୟୁ ହୋଇଥିବା ଏବଂ ଆଠ ଜଣ ଆହତ ହୋଇଥିବା ଗଣମାଧ୍ୟମ ରିପୋର୍ଟରୁ ଜଣାପଡିଛି । ସହରର ବାଗଦାଦୀ ଅଞ୍ଚଳର ଫିଦା ହୁସେନ ଶେଖା ରୋଡରେ ଅବସ୍ଥିତ କୋଠାର ଭଗ୍ନାବଶେଷ ତଳେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ରିପୋର୍ଟ ହୋଇଛି । ଏଥି ସହ ଲିଆରିର ବାଗଦାଦିରେ ଏକ ପାଞ୍ଚ ମହଲା କୋଠା ଭୁଶୁଡ଼ି ପଡ଼ିଛି । ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଚାଲିଛି," କରାଚି ମେୟର ମୁର୍ତାଜା ୱାହାବ ସିଦ୍ଦିକି ଡ ରେ ପୋଷ୍ଟ କରିଛନ୍ତି । ସିଦ୍ଦିକି ପରେ ଘଟଣାସ୍ଥଳରୁ ଗଣମାଧ୍ୟମକୁ କହିଥିଲେ ଯେ ସାତଟି ମୃତଦେହ ଉଦ୍ଧାର କରାଯାଇଛି । ୧୯୭୪ ମସିହାରେ ନିର୍ମିତ ଏହି ପାଞ୍ଚ ମହଲା କୋଠା କରାଚିର ପୁରୁଣା ଅଞ୍ଚଳର ଧ୍ୱଂସପ୍ରାପ୍ତ କୋଠା ଲିଷ୍ଟରେ ଥିଲା । କରାଚିର ସବୁଠାରୁ ଭିଡ଼, ନିମ୍ନମାନର ଏବଂ ନିମ୍ନ ଆୟକାରୀ ଅଞ୍ଚଳ ମଧ୍ୟରୁ ଲିୟାରି ଗୋଟିଏ । ଅଧିକାରୀମାନେ ଆକଳନ କରୁଛନ୍ତି ଯେ ୨୫ ଜଣ ଲୋକ ଏବେ ବି ଭଗ୍ନାବଶେଷ ତଳେ ଫସି ରହିପାରନ୍ତି । ସିନ୍ଧ ମୁଖ୍ୟମନ୍ତ୍ରୀ ମୁରାଦ ଅଲି ଶାହ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେ ସିନ୍ଧ ନିର୍ମାଣ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କୁ ଏକ ରିପୋର୍ଟ ଦାଖଲ କରିବାକୁ ଏବଂ ସହରର ସମସ୍ତ ବିପଦପୂର୍ଣ୍ଣ ନିର୍ମାଣକୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ନୌସେନାରେ ପ୍ରଥମ ମହିଳା ଫାଇଟର ପାଇଲଟ୍ ଭାବେ ଯୋଗଦେଲେ ଆସ୍ଥା ପୁନିଆ



ୟୁପି: ୟୁପିର ବାଗପତର ଝିଅ ଆସ୍ଥା ପୁନିଆ ଭାରତୀୟ ନୌସେନାରେ ଦେଶର ପ୍ରଥମ ମହିଳା ଫାଇଟର ପାଇଲଟ୍ ହୋଇ ଇତିହାସ ରଚିଛନ୍ତି । ୱିଙ୍ଗସ୍ ଅଫ୍ ଗୋଲ୍ଡ ପାଇବା ପରେ, ଆସ୍ଥା ପୁନିଆ ବର୍ତ୍ତମାନ ଭାରତୀୟ ନୌସେନାର ଫାଇଟର ପ୍ଲେନର ପାଇଲଟ୍ ହୋଇଛନ୍ତି । ଭବିଷ୍ୟତ ପିଢି ପାଇଁ ମଧ୍ୟ ଏକ ଉଦାହରଣ ପାଲଟିଛନ୍ତି । ସୂଚନାନୁଯାୟୀ, ଆସ୍ଥା ଜଣେ ଶିକ୍ଷିତ ପରିବାରର ପିଲା ବୋଲି ସୂଚନା ମିଳୁଛି । ତାଙ୍କ ବାପା ବାଗପତର ସରଧାନା ନବୋଦୟ ବିଦ୍ୟାଳୟରେ ଜଣେ ଶିକ୍ଷକ ଥିବାବେଳେ ମାଆ ସଂଯୋଗିତା ଚୌଧୁରୀ ମଧ୍ୟ ଜଣେ ଶିକ୍ଷୟିତ୍ରୀ । ଆରମ୍ଭରୁ ଆସ୍ଥାଙ୍କର ଭାରତୀୟ ନୌସେନାରେ ସାମିଲ ହେବା ପାଇଁ ଇଚ୍ଛୁକ ଥିଲେ । ଫଳରେ ସେ ମିରଟ ଏବଂ ରାଜସ୍ଥାନରୁ ପଢା ସମ୍ପୂର୍ଣ୍ଣ କରିଥିଲେ । ଜୁଲାଇ ୩ରେ ବିଶାଖାପାଟଣାର ଓଘଝ ଡେଗାରେ ଦ୍ୱିତୀୟ ମୌଳିକ ହକ୍ କନଭର୍ସନ କୋର୍ସ କରି ଡିଗ୍ରୀ ହାସଲ କରିଥିଲେ । ଯେଉଁଠାରେ ତାଙ୍କୁ ୱିଙ୍ଗସ୍ ଅଫ୍ ଗୋଲ୍ଡ ସମ୍ମାନ ପ୍ରଦାନ କରାଯାଇଥିଲା । ସେ ରିଅର୍ ଆଡମିରାଲ୍ ଜନକ ବେଭଲିଙ୍କ ଦ୍ୱାରା ଏହି ସମ୍ମାନରେ ସମ୍ମାନିତ ହୋଇଥିଲେ । ଏହି ସମ୍ମାନ କେବଳ ନୌସେନା ଯୁଦ୍ଧ ବିମାନର ପାଇଲଟଙ୍କୁ ଦିଆଯାଇଥାଏ । ଯଦି ତାଙ୍କ ସ୍କୁଲିଂ ବିଷୟରେ କୁହାଯାଏ ତେବେ ସେ ବାଗପତରୁ ପ୍ରାଥମିକ ଶିକ୍ଷା କରିଥିଲେ । ପରେ ଗିରଧାରୀ ଲାଲ ପବ୍ଲିକ୍ ସ୍କୁଲରୁ ମାଟ୍ରିକ ଏବଂ ଏସଡି ପବ୍ଲିକ୍ ସ୍କୁଲରୁ ଇଣ୍ଟରମିଏଟ୍ ପାସ୍ କରିଥିଲେ । +୨ ପରେ ସେ ଦୁଇ ବର୍ଷ ପୂର୍ବେ ନୌସେନା ପାଇଁ ଆବେଦନ କରିଥିଲେ । ଅନ୍ୟପଟେ ଆସ୍ଥାଙ୍କ ବାପା କହିଛନ୍ତି ଯେ, ସ୍ୱପ୍ନକୁ ସତ କରିବା ପାଇଁ ଆସ୍ଥା ତାଙ୍କ ଇଣ୍ଟରମିଡିଏଟ୍ ପରେ ଡିଫେନ୍ସ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ । ଗୋଟିଏ ବର୍ଷ ପୂର୍ବରୁ, ତାଙ୍କୁ ନୌସେନାରେ ଅଫିସର ଗ୍ରେଡ୍ ପାଇଁ ଚୟନ କରାଯାଇଥିଲା । ଏହା ପରେ, ସେ ଜଣେ ଫାଇଟର ପାଇଲଟ୍ ହେବା ପାଇଁ ଏକ ଆଟାଚମେଣ୍ଟ କୋର୍ସ କରିଥିଲେ । ଏହା ସହିତ ଆସ୍ଥାଙ୍କ ମା' କହିଛନ୍ତି ଯେ, ଆମେ ଆମ ଝିଅ ପାଇଁ ଗର୍ବିତ । ପିଲାମାନଙ୍କ ସ୍ୱପ୍ନ ପୂରଣ କରିବା ଆମର ସବୁଠାରୁ ବଡ଼ ଖୁସି । ନିଜ କଠିନ ପରିଶ୍ରମ ଦ୍ୱାରା ସେ ପ୍ରମାଣ କରିଛି ଯେ ଝିଅମାନେ କାହାଠାରୁ କମ୍ ନୁହଁନ୍ତି । କାକା ଅଜୟ ପୁନିଆ ଏବଂ ବିକାଶ ପୁନିଆ କହିଛନ୍ତି- ଏହା ଆମ ପରିବାର ଏବଂ ଗାଁ ପାଇଁ ଗର୍ବର ବିଷୟ । ଏହି ଖୁସିକୁ ସେମାନଙ୍କ ମାମୁଁ ଜେଜେମାଆଙ୍କ ଘରେ ବହୁତ ଧୁମଧାମରେ ??ପାଳନ କରିଥିଲେ । ଏହାରି ମଧ୍ୟରେ ଆସ୍ଥା କହିଥିଲେ- ଝିଅମାନେ କେବେ ନିଜକୁ କମ ଭାବିବା ଉଚିତ୍ ନୁହେଁ । ଯଦି ଉଦ୍ଦେଶ୍ୟ ଦୃଢ଼ ଥାଏ ତେବେ ପ୍ରତ୍ୟେକ ଲକ୍ଷ୍ୟ ହାସଲ କରାଯାଇପାରିବ । ଝିଅମାନେ କୌଣସି କ୍ଷେତ୍ରରେ ପୁଅମାନଙ୍କଠାରୁ କମ୍ ନୁହଁନ୍ତି ।

## ବିହାରରେ ଭୋଟର୍ ତାଲିକାର ଇଂଟେନ୍ସିଭ ସଂଶୋଧନ

ବିହାର: ବିହାରରେ ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ଭାବରେ ଭୋଟର୍ ତାଲିକାର ତନ୍ନତନ୍ନ ସଂଶୋଧନ ପ୍ରକ୍ରିୟା ଯେପରି ଭାବରେ ନିର୍ବାଚନ କମିସନ୍ ଆରମ୍ଭ କରିଛନ୍ତି, ତାହାକୁ ନେଇ ଦେଶରେ ବିରୋଧୀ ଦଳମାନଙ୍କ ପକ୍ଷରୁ ତୀବ୍ର ସମାଲୋଚନା କରାଯାଉଛି । ଯଦିଓ ସମ୍ବିଧାନ ଅନୁସାରେ ଭୋଟର୍ ତାଲିକା ପ୍ରସ୍ତୁତ କରିବା କାମ ନିର୍ବାଚନ କମିସନର । ସମ୍ବିଧାନରେ ଏଥିପାଇଁ ନିର୍ବାଚନ କମିସନକୁ କ୍ଷମତା ପ୍ରଦାନ କରାଯାଇଛି । ସେହିପରି ସମ୍ବିଧାନ ଅନୁସାରେ ଦେଶର ପ୍ରତ୍ୟେକ ନାଗରିକ ଯେଉଁମାନଙ୍କର ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ସେମାନେ ଭୋଟର୍ ହୋଇପାରିବେ । ଲୋକପ୍ରତିନିଧି ଆଇନରେ ଏଥିପାଇଁ ଭୋଟର୍ ତାଲିକା ପ୍ରସ୍ତୁତ କରିବାର ଦାୟିତ୍ୱ ନିର୍ବାଚନ କମିସଙ୍କ ହାତରେ ରହୁଛି । ଦେଶରେ ପ୍ରଥମରୁ ହୋଇ ଆସୁଥିବା ଭୋଟର୍ ତାଲିକା ପ୍ରସ୍ତୁତିରେ ନିର୍ବାଚନ କମିସନ୍ ପକ୍ଷରୁ ସରକାରୀ ଅଧିକାରୀମାନେ ଘରକୁ ଘର ଯାଇ ଭୋଟର୍ ତାଲିକା ପ୍ରସ୍ତୁତ କରୁଥିଲେ । ପରବର୍ତ୍ତୀ ଅବସ୍ଥାରେ ପ୍ରତିବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଭୋଟର୍ ତାଲିକାରେ ସଂଶୋଧନ ପାଇଁ ବ୍ୟବସ୍ଥା ହୁଏ ଓ ବର୍ଷ ଶେଷରେ ଭୋଟର୍ ତାଲିକା ପ୍ରକାଶ ପାଏ ।

# ଦ୍ୱିତୀୟ ଟେଷ୍ଟ : ମଜଭୁତ ସ୍ଥିତିରେ ଭାରତ

**ବର୍ମିଂହାମ୍,୫।୭(ଏଜେନ୍ସି):** ହ୍ୟାରି ବ୍ରୁକ୍ ଓ ଜାମି ସ୍ମିଥ୍ଙ୍କ ମଧ୍ୟରେ ହୋଇଥିବା ତ୍ରିଶତକ (୩୦୩) ଭାଗୀଦାରିକୁ ପଣ୍ଡ କରିଛି ମହମ୍ମଦ ସିରାଜ ଓ ଆକାଶ ଦୀପଙ୍କ ୧୦ ୱିକେଟ୍ ଦଖଲ। ଫଳରେ ଭାରତକୁ ପ୍ରଥମ ପାଳିରେ ୧୮୦ ରନର ନିର୍ଣ୍ଣାୟକ ଅଗ୍ରଣୀ ମିଳିଯାଇଛି। ତେନ୍ଦୁଲକର-ଆଣ୍ଡରସନ୍ ଟ୍ରଫି ଶୃଙ୍ଖଳାର ଦ୍ୱିତୀୟ ଟେଷ୍ଟରେ ଭାରତର ପ୍ରଥମ ପାଳି ୫୮୭ ରନ୍ ଜବାବରେ ଘରୋଇ ଇଂଲଣ୍ଡ ୪୦୭ ରନ୍ କରି ସମସ୍ତ ୱିକେଟ୍ ହରାଇଛି। ତୃତୀୟ ଦିନ ଖେଳ ଶେଷସୁଦ୍ଧା ଭାରତ ଦ୍ୱିତୀୟ ପାଳିରେ ଜୟସ୍ୱାଲଙ୍କ ୱିକେଟ୍ ହରାଇ ୬୪ ରନ୍ କରିଛି। ଏଥିସହ ମୋଟ ଉପରେ ୨୪୪ ରନରେ ଆଗୁଆ ରହିଛି।

ଶୁକ୍ରବାର ଇଂଲଣ୍ଡ ୭୭/୩ରୁ ଖେଳିବା ପରେ ମହମ୍ମଦ ସିରାଜ ତାଙ୍କ ପ୍ରଥମ ଓଭରରେ ଲଗାତାର ଭାବେ ଜୋ ରୁଟ୍ ଓ ବେନ୍ ଷ୍ଟୋକ୍ସଙ୍କୁ ପନ୍ତଙ୍କ ଗ୍ଲୋଭ୍ସରେ କଟ୍ ବିହାଇଣ୍ଡ୍ କରାଇ ଇଂଲଣ୍ଡ ଶିବିରରେ ଆତଙ୍କ ଖେଳାଇ ଦେଇଥିଲେ। କିନ୍ତୁ ଭାରତୀୟ ବୋଲରଙ୍କୁ ପରବର୍ତ୍ତୀ ୱିକେଟ୍ ପାଇଁ ୬୦.୪ ଓଭର ଅପେକ୍ଷା କରିବାକୁ ପଡ଼ିଥିଲା। ଏହି ୬୦ ଓଭରରେ ଇଂଲଣ୍ଡ ପାଇଁ ବାଜ୍ବଲ୍ କ୍ରିକେଟ୍ ଖେଳିଥିଲେ ହ୍ୟାରି ବ୍ରୁକ୍ ଓ ଜାମି ସ୍ମିଥ୍। ଭାରତୀୟ ବୋଲିଂର ବିଶୃଙ୍ଖଳିତ ଲାଇନରୁ ଫାଇଦା ଉଠାଇ ଏହି ଯୋଡ଼ି ଓଭର ପିଛା ୫ ରନ୍ ହାରରେ ୩୦୩ ରନ୍ ସଂଯୋଗ କରିଥିଲେ। ଦ୍ୱିତୀୟ ନୂଆ ବଲ୍ ଆସିବା ପରେ ହ୍ୟାରି ବ୍ରୁକ୍ (୧୫୮ ରନ୍, ୨୩୪ ବଲ୍)ଙ୍କୁ ବୋଲ୍ଡ କରି ଆକାଶ ଦୀପ ଏହି ମାରାଥନ ଭାଗୀଦାରିକୁ ଭାଙ୍ଗିବା ପରେ କ୍ରିସ୍ ୱୋକ୍ସଙ୍କୁ ଚତୁର୍ଥ ଶିକାର କରିଥିଲେ।



ଅପରପାର୍ଶ୍ୱରେ ଜାମି ସ୍ମିଥ୍ (୧୮୪ଅ ରନ୍, ୨୦୭ ବଲ୍) ଆକ୍ରମଣାତ୍ମକ ଆଭିମୁଖ୍ୟ ଆରମ୍ଭ କରିବା ପୂର୍ବରୁ ମହମ୍ମଦ ସିରାଜ କିନ୍ତୁ ଇଂଲଣ୍ଡ ଲାଞ୍ଜକୁ କାଟି ନେଇଥିଲେ। ଲଗାତାର ଓଭରରେ ଶେଷ ୩ ୱିକେଟ୍କୁ ଦଖଲ କରି ଭାରତକୁ ୧୮୦ ରନ୍ ଅଗ୍ରଣୀ ଦେଇଥିଲେ। ଦ୍ୱିତୀୟ ନୂଆ ବଲ୍ ଆସିବା ପରେ ଇଂଲଣ୍ଡ ନିଜର ଶେଷ ୫ ୱିକେଟ୍ ୨୦ ରନ୍ରେ ହରାଇ ଆତ୍ମସମର୍ପଣ କରିଥିଲା। ମହମ୍ମଦ ସିରାଜ (୧୯.୩-୩-୭୦-୬) ତାଙ୍କ ୩୯ତମ ଟେଷ୍ଟରେ ଚତୁର୍ଥ ଥର ୫ ୱିକେଟ୍ ସଫଳତା ପାଇଥିଲେ। ରୋଚକ କଥା ହେଉଛି ସିରାଜଙ୍କ ସମସ୍ତ ୪ ପାଞ୍ଚ ୱିକେଟ୍ ସଫଳତା ବିଦେଶ ମାଟିରୁ ଆସିଛି। ପୂର୍ବ ୩ଟି ବ୍ରିସବେନ୍, ପୋର୍ଟ ଅଫ୍ ସ୍ପେନ୍ ଓ କେପ୍ଟାଉନ୍ରେ ମିଳିଥିଲା। ବୁମ୍ରାଙ୍କ ବିକଳ୍ପ ଭାବେ ସୁଯୋଗ ପାଇଥିବା ବେଙ୍ଗଲ୍ ବୋଲର ଆକାଶ ଦୀପ ବି ୪ ୱିକେଟ୍ ନେଇ ଦଳୀୟ ଚୟନକୁ ଯଥାର୍ଥ ସାବ୍ୟସ୍ତ କରିଥିଲେ। ଇଂଲଣ୍ଡର ପ୍ରଥମ ପାଳି ଅବସରରେ ପ୍ରଥମ ଥର ଘରୋଇ ଦଳ ଭାରତ ବିପକ୍ଷରେ ଷଷ୍ଠ ୱିକେଟରେ ୨୦୦+ ରନ୍ ଭାଗୀଦାରି କରିଥିଲା। ଇଂଲଣ୍ଡ ପାଇଁ ମଧ୍ୟ ହ୍ୟାରି ବ୍ରୁକ୍ ନବମ ଶତକ ବେଳକୁ ତୃତୀୟ ଦ୍ରୁତତମ (୪୪ ପାଳି) ସାବ୍ୟସ୍ତ ହୋଇଥିଲେ। ବ୍ରୁକ୍ ମଧ୍ୟ ମାତ୍ର ୧୧୫ ବଲ୍ରୁ ୧୫୦ ରନ୍ ଅତିକ୍ରମ କରି ଇଂଲଣ୍ଡ ପାଇଁ ରେକର୍ଡ କରିଥିଲେ। ଜାମି ସ୍ମିଥ୍ କିନ୍ତୁ ମାତ୍ର ୮୦ ବଲରୁ ଶତକ ପୂର୍ଣ୍ଣ କରିଥିଲେ।

# ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚନ କଲେ ରାଷ୍ଟ୍ରପତି





**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ଏସିଆ ସର୍ବପୁରାତନ ଏବଂ ଭାରତର ସବୁଠୁ ସମ୍ମାନଜନକ ଡୁରାଣ୍ଡ କପ୍ ଫୁଟ୍ବଲ୍ ପ୍ରତିଯୋଗିତା ଜୁଲାଇ ୨୩ରୁ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଆୟୋଜିତ ହେବ। ୫ଟି ରାଜ୍ୟର ୬ଟି ସ୍ଥାନରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ପ୍ରଥମ ଥର ଇଣ୍ଡୋନେସିଆ ଆର୍ମି ଦଳ ଭାଗ ନେବାକୁ ଯାଉଛି। ଭାରତୀୟ ସେନା ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୨୪ ଦଳ ଅଂଶଗ୍ରହଣ କରିବେ। ଡୁରାଣ୍ଡ କପର ୧୩୪ତମ ସଂସ୍କରଣ ଟ୍ରଫି ଉନ୍ମୋଚନ ଉତ୍ସବ ଶୁକ୍ରବାର ରାଷ୍ଟ୍ରପତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପତାକା ହଲାଇ ୩ଟି ଐତିହାସିକ ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚନ କରିଛନ୍ତି। ଏହି ଉତ୍ସବରେ ସିଡିଏସ୍ ଜେନେରାଲ ଅନୀଲ ଚୌହାନ, ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନୌସେନା ମୁଖ୍ୟ ଆଡ୍ମିରାଲ ଦିନେଶ କେ ତ୍ରିପାଠୀ, ବାୟୁସେନା ମୁଖ୍ୟ ଏୟାର ମାର୍ଶଲ ଅମରପ୍ରୀତ ସିଂହ, ଡୁରାଣ୍ଡ କପ୍ ପରିଚାଳନା କମିଟି ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଆର୍ସି ତିୱାରୀ ପ୍ରମୁଖ ଅତିଥି ଥିଲେ। ଏମାନଙ୍କ ସହ ଅର୍ଜୁନ ପୁରସ୍କାରପ୍ରାପ୍ତ ଫୁଟବଲର୍ ସନ୍ଦେଶ ଝିଙ୍ଗାନ ମଧ୍ୟ ସାମିଲ ଥିଲେ।

# ଧାୱନଙ୍କ ନୂଆ ପୁସ୍ତକ 'ଦ ୱାନ୍'

**ମୁମ୍ବାଇ,୫।୭(ଏଜେନ୍ସି):** ଭାରତୀୟ ଦଳର ପୂର୍ବତନ ଅଧିନାୟକ ତଥା ଧଳାବଲ୍ କ୍ରିକେଟର ଅନ୍ୟତମ ସଫଳ ଓପନର୍ ଶିଖର ଧାୱନଙ୍କ ନୂଆ ଆତ୍ମଜୀବନୀ 'ଦ ୱାନ୍' ଏବେ ବଜାରକୁ ଆସିଛି। ଦିଲ୍ଲୀରେ ବାଲ୍ୟଜୀବନ ଠାରୁ ଆରମ୍ଭ କରି ଭାରତୀୟ ଦଳର ଜର୍ସି ପରିଧାନ ପର୍ଯ୍ୟନ୍ତ ଧାୱନଙ୍କ କ୍ରିକେଟ୍ ଯାତ୍ରାର ଅନେକ ରୋଚକ କଥା ଏଥିରେ ସ୍ଥାନ ପାଇଛି। ନିଜ ଇନ୍ଷ୍ଟାଗ୍ରାମ୍ ପୃଷ୍ଠାରେ ଏହି ପୁସ୍ତକର ଲୋକାର୍ପଣ କରି ଧାୱନ ଲେଖିଛନ୍ତି "ମୋ ବହି କେବଳ ଶତକ ଓ ଟ୍ରଫିର କାହାଣୀ କହିବ ନାହିଁ। ଆପଣମାନେ ଦେଖି ନଥିବା ମୋ ଜୀବନର ପ୍ରତିଟି ପର୍ଯ୍ୟାୟକୁ ବର୍ଣ୍ଣନା କରିଛି। ମୋର ସବୁ ସ୍ମୃତି ଓ ଅଭୁଲା ମୁହୂର୍ତ୍ତକୁ ବି ସ୍ଥାନ ମିଳିଛି। ସଂଶୟ, ଆହତଜନିତ କଠୋର ସମୟ ଆଦିର ଟିକିନିଖି କଥା ବି ରହିଛି। ମୁଁ ଆଜି ଯେଉଁଠି ପହଞ୍ଚି ପାରିଛି ସେସବୁର ବିସ୍ତୃତ ତଥ୍ୟ ବି ଏଥିରେ ଉପସ୍ଥାପିତ ହୋଇଛି।




ଧାୱନ ଭାରତ ପାଇଁ ୧୬୭ ଦିନିକିଆ ଖେଳି ୧୭ ଶତକ ସହ ୪୪.୧ ହାରରେ ୬,୭୯୩ ରନ୍ ସଂଗ୍ରହ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ଶତକୀୟ ପାଳି ସହ ଟେଷ୍ଟ କ୍ରିକେଟକୁ ଆସିଥିବା ଧାୱନ ୩୪ ମ୍ୟାଚକୁ ୪୦.୬ ହାରରେ ୭ ଶତକ ସହ ୨,୩୧୫ ରନ୍ କରିଥିଲେ। ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟରେ ବି ୬୮ ମ୍ୟାଚରୁ ୨୭.୯ ହାରରେ ୧୧ ଅର୍ଦ୍ଧଶତକ ସହ ୧,୭୫୯ ରନ୍ କରିଥିଲେ। ୧୨୨ ପ୍ରଥମ ଶ୍ରେଣୀ ମ୍ୟାଚରେ ବି ୨୫ ଶତକ ସହ ୪୪.୨୬ ହାରରେ ୮,୪୯୯ ରନ୍ ସଂଗ୍ରହ କରିଥିଲେ।

# ବାଂଲାଦେଶ ଯିବନାହିଁ ଭାରତୀୟ ଟିମ

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ଭାରତୀୟ ଦଳ ଆଉ ବାଂଲାଦେଶ ଗସ୍ତ କରିବ ନାହିଁ। ଅଗଷ୍ଟ ୨୦୨୫ରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଏକ ହ୍ୱାଇଟ ବଲ ସିରିଜ ଅନୁଷ୍ଠିତ ହେବାର ଥିଲା, ଯେଉଁଥିରେ ତିନୋଟି ଦିନିକିଆ ଏବଂ ତିନୋଟି ଟି-୨୦ ମ୍ୟାଚ ଖେଳାଯିବାର ଥିଲା, କିନ୍ତୁ ଏବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଟିମ ଇଣ୍ଡିଆର ଏହି ଗସ୍ତକୁ ବାତିଲ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଭାରତ ଏବଂ ବାଂଲାଦେଶ ମଧ୍ୟରେ ଏହି ସିରିଜ ପରେ ଖେଳାଯିବ। ତଥାପି, ଏହି ସିରିଜ ପାଇଁ ନୂଆ ତାରିଖ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଏବଂ ବାଂଲାଦେଶ କ୍ରିକେଟ ବୋର୍ଡ ପାରସ୍ପରିକ ସହମତିରେ ଏହି ନିଷ୍ପତ୍ତି ନେଇଛନ୍ତି। BCCI ଏକ ମିଡିଆ ପରାମର୍ଶଦାତା ଜାରି କରି ଏହି ସୂଚନା ଦେଇଛି। ଭାରତ ଏବଂ ବାଂଲାଦେଶ ମଧ୍ୟରେ ଦିନିକିଆ ଏବଂ ଟି-୨୦ ସିରିଜ ପୂରା ଏକ ବର୍ଷ ପାଇଁ ସ୍ଥଗିତ ରଖାଯାଇଛି। ଏହି ସିରିଜ ପୂର୍ବରୁ ଅଗଷ୍ଟ ୨୦୨୫ରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିଲା, ଯାହାକୁ ଏବେ ସେପ୍ଟେମ୍ବର ୨୦୨୬ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି।



ଭାରତ ଏବଂ ବାଂଲାଦେଶ ମଧ୍ୟରେ ଏହି ସିରିଜ ବାତିଲ ହେବାର କାରଣ ଉଭୟ ଦଳର କଠିନ କାର୍ଯ୍ୟସୂଚୀ ବୋଲି କୁହାଯାଉଛି। କିନ୍ତୁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ମଧ୍ୟ ଏହି ସିରିଜ ସ୍ଥଗିତ ହେବାର କାରଣ ହୋଇପାରେ। ତଥାପି, ବିସିସିଆଇ ଅନ୍ୟ କୌଣସି କାରଣ ପ୍ରକାଶ କରିନାହିଁ।

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ବର୍ତ୍ତମାନ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଚାଲିଛି। ଭାରତର ଅଭିଜ୍ଞ ଖେଳାଳି ରୋହିତ ଶର୍ମା ଏବଂ ବିରାଟ କୋହଲି ଟେଷ୍ଟ ସହିତ ଟି-୨୦ରୁ ମଧ୍ୟ ଅବସର ନେଇସାରିଛନ୍ତି। କିନ୍ତୁ ବିରାଟ-ରୋହିତଙ୍କ ପ୍ରଶଂସକମାନେ ସେମାନଙ୍କ ପ୍ରିୟ ଖେଳାଳିଙ୍କୁ ପୁଣି ଥରେ ପଡ଼ିଆରେ ଦେଖିବା ପାଇଁ ବାଂଲାଦେଶ ସିରିଜକୁ ଅପେକ୍ଷା କରିଥିଲେ, କିନ୍ତୁ ଏବେ ଏହି ସିରିଜ ମଧ୍ୟ ବାତିଲ ହୋଇଯାଇଛି।

# ଶାମିଙ୍କୁ ଆଇ ଲଭ ୟୁ କହିଲେ ହାସିନ ଜାହାଁ

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ଭାରତୀୟ ଷ୍ଟାର୍ ବୋଲର୍ ମହମ୍ମଦ ଶାମି ଏବଂ ତାଙ୍କ ପତ୍ନୀ ହାସିନ ଜାହାଁ ପ୍ରାୟ ୭ ବର୍ଷ ଧରି ଅଲଗା ରହୁଛନ୍ତି। କଲିକତା ହାଇକୋର୍ଟ ହାସିନଙ୍କ ଭରଣପୋଷଣ ଆବେଦନର ଶୁଣାଣି କରି ଶାମିଙ୍କୁ ତାଙ୍କ ସ୍ତ୍ରୀ ଏବଂ ଝିଅଙ୍କୁ ପ୍ରତି ମାସରେ ୪ ଲକ୍ଷ ଟଙ୍କା ଭରଣପୋଷଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ପ୍ରତିକ୍ରିୟାରେ ହାସିନ କହିଛନ୍ତି, ୪ ଲକ୍ଷ ଟଙ୍କା ଭରଣପୋଷଣ କମ। କିନ୍ତୁ ଏବେ ସେ ଏକ ଭିଡିଓ ଏବଂ ତା ସହିତ ଏକ ଲମ୍ବା ମେସେଜ୍ ଶେୟାର କରିଛନ୍ତି, ଯେଉଁଥିରେ ଶାମିଙ୍କ ପ୍ରତି ତାଙ୍କର ପ୍ରେମ ଉଜାଗର କରିଛନ୍ତି।

ହାସିନ ଇନଷ୍ଟାଗ୍ରାମରେ ଏକ ଭିଡିଓ କ୍ଲିପ ଶେୟାର କରିଛନ୍ତି, ଯେଉଁଥିରେ ସେ 'ପ୍ୟାର ମେଁ ହୋତା ହୈ କ୍ୟା ଜାଦୁ' ଗୀତ ଗାଉଥିବାର ଦେଖାଯାଉଛି।




ହାସିନ ଏହି ଭିଡିଓ କ୍ଲିପ ସହିତ ଏକ ଲମ୍ବା ମେସେଜ୍ ଶେୟାର କରିଛନ୍ତି, ଯେଉଁଥିରେ ସେ ମହମ୍ମଦ ଶାମିଙ୍କ ପାଇଁ 'ଆଇ ଲଭ ୟୁ' ମଧ୍ୟ ଲେଖିଛନ୍ତି। ସେ ଲେଖିଛନ୍ତି, ଶାମିଙ୍କ ସହ ତାଙ୍କର ଆଇନଗତ ଲଢ଼େଇ ୭ ବର୍ଷ ଧରି ଚାଲିଛି, ଯାହାରୁ କେହି କିଛି ପାଇନାହାଁନ୍ତି। ସେ ତାଙ୍କ ପୋଷ୍ଟରେ ଚରିତ୍ରହୀନ, ଲୋଭୀ ଏବଂ ଅହଂକାର ଭଳି ଶବ୍ଦ ମଧ୍ୟ ବ୍ୟବହାର କରିଥିଲେ।

ମହମ୍ମଦ ଶାମି ଏବଂ ହାସିନ ଜାହାଁ ୨୦୧୪ ମସିହାରେ ବିବାହ କରିଥିଲେ। ୪ ବର୍ଷ ବିବାହ ପରେ, ମାର୍ଚ୍ଚ ୨୦୧୮ରେ, ହାସିନ ଶାମି ଏବଂ ତାଙ୍କ ପରିବାର ଉପରେ ଶାରୀରିକ ଏବଂ ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ। ଶାମିଙ୍କ ବିରୋଧରେ ହତ୍ୟା ଉଦ୍ୟମ, ଘରୋଇ ନିର୍ଯାତନା ଏବଂ ବିଷ ଦେବାର ପ୍ରୟାସ ଭଳି ଗମ୍ଭୀର ଅଭିଯୋଗ ଆସିଥିଲା। ତଥାପି, ଶାମି ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଥିଲେ। ହାସିନ ଶାମିଙ୍କ ଉପରେ ମ୍ୟାଚ ଫିକ୍ସିଂର ଅଭିଯୋଗ ମଧ୍ୟ ଲଗାଇଥିଲେ, କିନ୍ତୁ ବିସିସିଆଇର ଦୁର୍ନୀତି ନିବାରଣ ୟୁନିଟ ତଦନ୍ତ ପରେ ମ୍ୟାଚ ଫିକ୍ସିଂ ମାମଲାରେ ଭାରତୀୟ ଦ୍ରୁତ ବୋଲରଙ୍କୁ କ୍ଲିନ ଚିଟ ଦେଇଥିଲା।

# ସଚିନଙ୍କ ୟୁଜର୍ସ କହିଲେ ଗିଲ୍ଙ୍କୁ କେବେ ଜ୍ୱାଇଁ କରିବେ

**ବର୍ମିହାମ,୫।୭(ଏଜେନ୍ସି):** ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଏଜବାଷ୍ଟନରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟରେ ଶୁବମନ ଗିଲ ୨୬୯ ରନର ଏକ ଐତିହାସିକ ଇନିଂସ ଖେଳିଥିଲେ। ଏହି ଇନିଂସରେ ସେ ୧୦ରୁ ଅଧିକ ରେକର୍ଡ କରିଥିଲେ। କ୍ରିକେଟର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକର ମଧ୍ୟ ତାଙ୍କ ଦ୍ୱାରା ବହୁତ ପ୍ରଭାବିତ ହୋଇଥିଲେ ଏବଂ ସୋସିଆଲ ମିଡିଆରେ ତାଙ୍କୁ ପ୍ରଶଂସା କରି ଏକ ପୋଷ୍ଟ ପୋଷ୍ଟ କରିଥିଲେ। ଏହା ଉପରେ ଜଣେ ୟୁଜର ସାରା ତେନ୍ଦୁଲକରଙ୍କ ବିବାହ ବିଷୟରେ ଏକ ପ୍ରଶ୍ନ ପଚାରିଥିଲେ।

ଶୁବମନ ଗିଲ ଏବଂ ସାରା ତେନ୍ଦୁଲକରଙ୍କ ବିଷୟରେ ବହୁତ ଦିନ ଧରି ଗୁଜବ ଥିଲା, ଉଭୟ ପରସ୍ପରକୁ ଡେଟ କରୁଛନ୍ତି। କିନ୍ତୁ, କିଛି ଦିନ ପରେ ଉଭୟଙ୍କ ସମ୍ପର୍କ ଭାଙ୍ଗିଯାଇଥିବା ଚର୍ଚ୍ଚା ହୋଇଥିଲା। ଡେଟିଂ ଖବର ଉପରେ ସାରା କିମ୍ବା ଗିଲ କେହି କେବେ ପ୍ରତିକ୍ରିୟା ଦେଇ ନ ଥିଲେ।



ସଚିନ ସୋସିଆଲ ମିଡିଆରେ ଲେଖିଛନ୍ତି, ଶୁବମନ ଗିଲ ଏବଂ ରବିନ୍ଦ୍ର ଜାଡେଜାଙ୍କ ଦ୍ୱାରା ଦେଖାଯାଇଥିବା ଉଦ୍ଦେଶ୍ୟ ଏବଂ ପ୍ରତିବଦ୍ଧତା ଦେଖି ମୁଁ ବହୁତ ଖୁସି ହୋଇଥିଲି। ବହୁତ ଭଲ ଖେଳିଲେ। ଏହା ଉପରେ ଜଣେ ୟୁଜର୍ସ ଲେଖିଛନ୍ତି, ଆପଣ ସାରା ତେନ୍ଦୁଲକରଙ୍କ ବିବାହ ଖବର କେବେ ଦେବେ, ଶୁବମନ ପରବର୍ତ୍ତୀ ଇନିଂସ ପାଇଁ ପ୍ରସ୍ତୁତ। ଅନ୍ୟ ଜଣେ ୟୁଜର୍ସ କହିଛନ୍ତି, ଶୁବମନଙ୍କୁ ଜ୍ୱାଇଁ କେବେ କରିବେ।

ସାରା ତେନ୍ଦୁଲକର ଏବେ ଭାରତରେ ନାହାନ୍ତି। ସେ ୟୁରୋପରେ ଅଛନ୍ତି। ସାରା ଇନଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରି କହିଛନ୍ତି ଯେ, ସେ ବର୍ତ୍ତମାନ ସ୍ୱିଜରଲାଣ୍ଡର ଜୁରିଚରେ ଅଛନ୍ତି। ୨୬୯ ରନର ତାଙ୍କ ଇନିଂସରେ ଗିଲ ସଚିନଙ୍କ ରେକର୍ଡ ସମେତ ୧୦ରୁ ଅଧିକ ରେକର୍ଡ ଭାଙ୍ଗିଛନ୍ତି। ପୂର୍ବରୁ ସଚିନ (୨୪୧) ସେନା ଦେଶ (ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ)ରେ ସବୁଠାରୁ ବଡ଼ ଇନିଂସ ଖେଳିଥିବା ଭାରତୀୟ ଥିଲେ, ଏବେ ଏହି ରେକର୍ଡ ଗିଲଙ୍କ ନାମରେ ହୋଇଥିଲା।

ଶୁବମନ ଗିଲ ଏବେ ସବୁଠାରୁ ବଡ଼ ଟେଷ୍ଟ ଇନିଂସ ଖେଳିଥିବା ଭାରତୀୟ ଅଧିନାୟକ ହୋଇଛନ୍ତି। ସେ ଇଂଲଣ୍ଡରେ ୨୫୦ରୁ ଅଧିକ ଇନିଂସ ଖେଳିଥିବା ତୃତୀୟ ଅଧିନାୟକ ହୋଇଛନ୍ତି।

# ବୁଷ୍ଟର ଡୋଜ୍ ମାଧ୍ୟମରେ ରୋଗର ପୁନରୁତ୍ଥାନକୁ ରୋକିବା

**କଟକ,୫।୭(ଏଜେନ୍ସି):** ଭାରତ ଶୈଶବ ଟୀକାକରଣରେ ଅଗ୍ରଗତି କରୁଥିବାରୁ, ବିଶେଷଜ୍ଞମାନେ ପିତାମାତା ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ପିଲାଙ୍କ ଟୀକାକରଣ ସମୟସୂଚୀରେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ, ସ୍କୁଲ ପ୍ରବେଶ ବୟସରେ ଡିପଥେରିଆ, ଟିଟାନସ୍, ପର୍ଟୁସିସ୍ ଏବଂ ପୋଲିଓର ବୁଷ୍ଟର ଡୋଜ୍ ଅଣଦେଖା ନ କରିବାକୁ ଅନୁରୋଧ କରିଥାନ୍ତି।

ଶିଶୁ ଅବସ୍ଥାରେ ପ୍ରାଥମିକ ଟୀକାକରଣ ପ୍ରାରମ୍ଭିକ ସୁରକ୍ଷା ପ୍ରଦାନ କରୁଥିବା ବେଳେ, ବୈଜ୍ଞାନିକ ପ୍ରମାଣ ଦର୍ଶାଉଛି ଯେ, ଡିପଥେରିଆ, ଟିଟାନସ୍, ପର୍ଟୁସିସ୍ ଏବଂ ପୋଲିଓ ପ୍ରତି ପ୍ରତିରୋଧକ ଶକ୍ତି ସମୟ ସହିତ ହ୍ରାସ ପାଇଥାଏ। ଯଦି ପିଲାମାନେ ସମୟୋଚିତ ବୁଷ୍ଟର ଶଟ୍ ନ ପାଆନ୍ତି, ତେବେ ସେମାନଙ୍କୁ ଗୁରୁତର ରୋଗର ଆଶଙ୍କାରେ ରହିଥାଏ। ବିଶେଷକରି ଯେତେବେଳେ ସେମାନେ ସ୍କୁଲ ଯିବା ଏବଂ ଅଧିକ ଲୋକଙ୍କ ସହିତ ଯୋଗାଯୋଗ କରିବା ଆରମ୍ଭ କରିଥାନ୍ତି ସେତେବେଳେ ଏହା ଜରୁରୀ ହୋଇଥାଏ।

ଭାରତୀୟ ଜାତୀୟ ଟୀକାକରଣ କାର୍ଯ୍ୟକ୍ରମ (ଏନଆଇପି) ୬, ୧୦ ଏବଂ ୧୪ ସପ୍ତାହ ବୟସରେ ଡିଟିପି ଟୀକାକରଣ, ତା'ପରେ ୧୬-୨୪ ମାସ ବୟସରେ ଏକ ବୁଷ୍ଟର ଏବଂ ୬ ଏବଂ ୧୪ ସପ୍ତାହ ବୟସରେ ୨ ବିଭାଜିତ ପୋଲିଓ ଡୋଜ୍ ସୁପାରିଶ କରାଯାଇଥାଏ। ତଥାପି, ଯେତେବେଳେ ଗୋଟିଏ ପିଲା ୪-୬ ବର୍ଷ ବୟସରେ ପହଂଚିଥାଏ, ସେତେବେଳେ ସୁରକ୍ଷାକାରୀ ଆଂଟିବଡି ସ୍ତର ହ୍ରାସ ପାଏ, ଯାହା ସେମାନଙ୍କୁ ସଂକ୍ରମଣ ଏବଂ ସମ୍ଭାବ୍ୟ ପ୍ରକୋପ ପାଇଁ ସମ୍ବେଦନଶୀଳ କରିଥାଏ। ସ୍କୁଲ ପ୍ରାୟତଃ ପ୍ରଥମ ସ୍ଥାନ ଯେଉଁଠାରେ ପିଲାମାନେ ପ୍ରତିଦିନ ବହୁ ସାଥୀଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଥାଆନ୍ତି। ଏ ସମ୍ପର୍କରେ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ, ପ୍ରଫେସର ଏବଂ ଏଚ୍ଓଡି ଡିପାର୍ଟମେଂଟ ଡିପାର୍ଟମେଣ୍ଟ, ଏଫ୍ଏମ୍ ଏମସିଏଚ ହସ୍ପିଟାଲ, ବାଲେଶ୍ୱର କୁହନ୍ତି, ଏହି ବର୍ଦ୍ଧିତ ସଂକ୍ରମଣ ପାଇଁ ପ୍ରସ୍ତୁତ ହେବା ପାଇଁ, ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ ୪ ରୁ ୬ ବର୍ଷ ବୟସ ମଧ୍ୟରେ ଡିପିଟି ଏବଂ ପୋଲିଓ ପାଇଁ ବୁଷ୍ଟର ଡୋଜ୍ ଦେବା ପାଇଁ ସୁପାରିଶ କରିଥାଏ। ଏହା ପ୍ରତିରକ୍ଷାକୁ ମଜବୁତ କରିବାରେ ସାହାଯ୍ୟ କରେ ଯେପରି ପିଲାମାନେ ଗୋଷ୍ଠୀ ସେଟିଂରେ ନିୟମିତ ଭାବରେ ଯୋଗାଯୋଗ କରିବା ଆରମ୍ଭ କରିଥାନ୍ତି।

# ଟୟୋଟା ଇନୋଭା ହାଇକ୍ରସ୍ ୫-ଷ୍ଟାର ସୁରକ୍ଷା ରେଟିଂ ହାସଲ

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ଟୋୟୋଟା କିର୍ଲୋସ୍କର ମୋଟର (ଟିକେଏମ)ର ସୁରକ୍ଷା ପ୍ରତି ଥିବା ପ୍ରତିବଦ୍ଧତାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସ୍ୱରୂପ, ବହୁ ପ୍ରଶଂସିତ ଇନୋଭା ହାଇକ୍ରସ୍କୁ ଭାରତ ନୂତନ କାର୍ ମୂଲ୍ୟାୟନ କାର୍ଯ୍ୟକ୍ରମ (ଭାରତ ଏନସିଏପି) ଭାରତର ସବୁଠାରୁ ବ୍ୟାପକ ଯାନବାହନ ସୁରକ୍ଷା ମୂଲ୍ୟାଙ୍କନ ଢାଂଚା ଅନ୍ତର୍ଗତ ୫-ଷ୍ଟାର ସୁରକ୍ଷା ରେଟିଂ ପ୍ରଦାନ କରାଯାଇଛି। ଏହି ମାଇଲଖୁଂଟ ଗ୍ରାହକମାନଙ୍କୁ ସର୍ବଦା ସୁରକ୍ଷିତ ଗତିଶୀଳତା ସମାଧାନ ପ୍ରଦାନ କରିବା ଉପରେ କମ୍ପାନୀର ଅଟଳ ଏବଂ ଅନ୍ତର୍ନିହିତ ଗୁରୁତ୍ୱକୁ ଚିହ୍ନିତ କରିଛି। ବୟସ୍କ ଏବଂ ଶିଶୁ ଯାତ୍ରୀ ସୁରକ୍ଷା ପାଇଁ ୫-ଷ୍ଟାର ସୁରକ୍ଷା ରେଟିଂ ପ୍ରାପ୍ତ ହୋଇଛି।

ନୂଆଦିଲ୍ଲୀରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ, ବିକ୍ରମ ଗୁଲାଟି, କଂଟ୍ରି ହେଡ୍ ଏବଂ ଇଭିପି, କର୍ପୋରେଟ୍ ବ୍ୟାପାର ଏବଂ ଶାସନ ତଥା ସୁଦୀପ ଡାଲଭି, ସିସିଓ, ଏସଭିପି ଏବଂ ମୁଖ୍ୟ ରାଜ୍ୟ ବ୍ୟାପାରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଟୋୟୋଟା ନୂତନ ଗ୍ଲୋବାଲ୍ ଆର୍କିଟେକ୍ଚର (ଟିଏନଜିଏ) ପ୍ଲାଟଫର୍ମରେ ନିର୍ମିତ, ଇନୋଭା ହାଇକ୍ରସ୍ ଦୁର୍ଘଟଣା ସୁରକ୍ଷା ଏବଂ ସଂରଚନାତ୍ମକ ଦୃଢ଼ତ୍ୱକୁ ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହାର ଦୃଢ଼ ସ୍ଥାପତ୍ୟ ସହିତ ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକର ଏକ ପରିସର ସହିତ ସଜ୍ଜିତ ଯାହା ଏହାକୁ ଶିଳ୍ପର ସବୁଠାରୁ ସୁରକ୍ଷିତ ଯାନ ମଧ୍ୟରୁ ଗୋଟିଏ କରି ମଗତି ତୋଳିଛି। ଏଥିରେ ଟୋୟୋଟା ସେଫ୍ଟି ସେନ୍ସ (ଟିଏସଏସ), ଡ୍ରାଇଭର ସହାୟତା ସୁଟ୍ ଯେଉଁଥିରେ ପ୍ରି-କଲିଜନ ସିଷ୍ଟମ୍, ଲେନ୍ ଟ୍ରେସ୍ ଆସିଷ୍ଟ, ଡାଇନାମିକ୍ ରାଡାର କ୍ରୁଜ୍ କଂଟ୍ରୋଲ୍, ବ୍ଲାଇଣ୍ଡ ସ୍ପଟ୍ ମନିଟର୍ ଏବଂ ସ୍ୱୟଂଚାଳିତ ହାଇ ବିମ୍ ରହିଛି। ସମସ୍ତ ଗ୍ରେଡ୍ରେ ଛଅଟି ଏୟାରବ୍ୟାଗ୍ ଯାହା ଅଲ୍-ଆରାଉଣ୍ଡ ଆକ୍ୟୁପେଣ୍ଟ ସୁରକ୍ଷା ପ୍ରଦାନ କରେ। ଯାନ ସ୍ଥିରତା ନିୟନ୍ତ୍ରଣ (ଭିଏସସି) ଏବଂ ଟ୍ରାକ୍ସନ୍ ନିୟନ୍ତ୍ରଣ (ଟିଆରସି)। ଇଲେକ୍ଟ୍ରୋନିକ୍ ବ୍ରେକଫୋର୍ସ ବଂଟନ (ଇବିଡି) ସହିତ ଆଂଟି-ଲକ୍ ବ୍ରେକିଂ ସିଷ୍ଟମ୍ (ଏବିଏସ)। ହିଲ୍-ଷ୍ଟାର୍ଟ ଆସିଷ୍ଟ କଂଟ୍ରୋଲ୍, ରିଅର୍ ପାର୍କିଂ କ୍ୟାମେରା, ଫ୍ରଂଟ୍ ଏବଂ ରିଅର୍ ପାର୍କିଂ ସେନ୍ସର୍, ଏବଂ ଅଲ୍-ହ୍ୱିଲ୍ ଡିସ୍କ ବ୍ରେକ୍। ଟାୟାର ପ୍ରେସର୍ ମନିଟରିଂ ସିଷ୍ଟମ୍ (ଟିପିଏମଏସ)। ଆଇଏସଓ ଏଫଆଇଏକ୍ସ ଶିଶୁ ସିଟ୍ ବର୍ଦ୍ଧିତ ଶିଶୁ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ରହିଛି।

# କେଡିଏମକୁ 'ଜି ଭାରତ କି ଉଡାନ' ପୁରସ୍କାର

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ଭାରତର ଅଗ୍ରଣୀ ଜୀବନଶୈଳୀ ଏବଂ ମୋବାଇଲ୍ ଆକ୍ସେସରିଜ୍ ବ୍ରାଣ୍ଡ କେଡିଏମକୁ ଜି ଭାରତର କାର୍ଯ୍ୟକ୍ରମ 'ଭାରତ କି ଉଡାନ'ରେ ଯୋଗ ଦେଇ ମାନ୍ୟବର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ଶ୍ରୀ ନିତିନ ଗଡ଼କରୀ ଭାରତ କା ଚାର୍ଜର ମହାକୁମ୍ଭ ଅଭିଯାନ ପାଇଁ 'ଜି ଭାରତ କି ଉଡାନ ପୁରସ୍କାର'ରେ ସମ୍ମାନିତ କରିଛନ୍ତି। ଏହି ମାନ୍ୟତା ମହାକୁମ୍ଭ ୨୦୨୫ରେ କେଡିଏମର ସ୍ଥାୟୀ ପ୍ରଭାବକୁ ପ୍ରତିଫଳିତ କରେ ଏବଂ ଭକ୍ତମାନଙ୍କୁ ଚାର୍ଜିଂ ସହାୟତା ପ୍ରଦାନ କରିବା ପାଇଁ ୧୦୮୦ ମୋବାଇଲ ଚାର୍ଜିଂ ପଏଟ୍ ସ୍ଥାପନ କରିଥାଏ। କେଡିଏମ୍-ଟି ଟେକ୍ନୋଲୋଜି ଚାର୍ଜର ରେ ସଜ୍ଜିତ ଏହି ଷ୍ଟେସନଗୁଡ଼ିକ ୪୫ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୩ ଲକ୍ଷରୁ ଅଧିକ ଫୋନ୍ ଚାର୍ଜ କରିଥିବା ଅନୁମାନ କରାଯାଉଛି।

ଏହି ସଫଳତାକୁ ସ୍ୱୀକାର କରି କେଡିଏମ୍ ର ପ୍ରତିଷ୍ଠାତା ଏନ୍ ଡି ମାଲି କହିଛନ୍ତି ଯେ, "ଶ୍ରୀ ନିତିନ ଗଡ଼କରୀଙ୍କ ହାତରୁ 'ଜି ଭାରତ କି ଉଡାନ ପୁରସ୍କାର' ଗ୍ରହଣ କରି ଅତ୍ୟନ୍ତ ଗର୍ବିତ ଓ ଗୌରବାନ୍ୱିତ। ନିତିନ ଗଡକରୀ ଜୀ ଯାହା ମୋତେ ଭାରତ କା ଚାର୍ଜର ଅଭିଯାନକୁ ଆଗକୁ ନେବା ପାଇଁ ଉତ୍ସାହିତ, ପ୍ରେରଣା ଏବଂ ପ୍ରେରଣା ଅନୁଭବ କରୁଛି । ଭାରତ କା ଚାର୍ଜର ପଦକ୍ଷେପ ଅଭିନବ ଚିନ୍ତାଧାରା ଏବଂ ସାମାଜିକ ଦାୟିତ୍ୱବୋଧର ଏକ ଉଦାହରଣ । ଆଜି କାଲି ମୋବାଇଲ ଫୋନ୍ ହେଉଛି 'ବିକାଶର ଡିଭାଇସ୍', ଯାହା ଦେଶର ଅର୍ଥନୀତିରେ ଯୋଗଦାନ ଦେଉଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ